• Vol.- 44, Issue No. 318
• Wednesday, 19 February 2025
• ବୁଧବାର, ୧୯ ଫେବୃୟାରୀ ୨୦୨୫
• Bhubaneswar
• Price: Rs. 2.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

ଦିନଲିପି

THE DINALIPI

Web: www.dinalipi.com, E-mail: dinalipinews@gmail.com

ଆଜିଠୁ ଆରମ୍ଭ ହେଉଛି ମିନି ୱାର୍ଲ୍ଡ କପ୍

ବିଷ୍ଣୁପଦ ସେଠୀଙ୍କ ଘରେ ସିବିଆଇ ଚଢାଉ

ଭୁବନେଶ୍ୱର,୧୮।୨: ଘରେ ସିବିଆଇ ଚଢାଉ ପରେ ବରିଷ୍ଠ ଆଇଏଏସ ବିଷ୍ଣୁପଦ ସେଠୀ ଇସ୍ତଫା ଦେଇଥିବା ଚର୍ଚ୍ଚା ହେଉଛି । ଚଢାଉ ପ୍ରତିବାଦରେ ସେ ମୁଖ୍ୟ ଶାସନ ସଚିବଙ୍କୁ ଇସ୍ତଫା ପତ୍ର ପଠାଇଥିବା ଜଣାପଡ଼ିଛି । ବିଷ୍ଣୁପଦ ସେଠୀଙ୍କ ଏକ ହାତଲେଖା ଚିଠି ଗଣମାଧ୍ୟମ ହାତରେ ଲାଗିଛି । ପତ୍ରରେ ସେ ସିବିଆଇ ଚଢାଉ ନେଇ ପ୍ରଶ୍ନ ଉଠାଇଛନ୍ତି । ସେ ଲେଖିଛନ୍ତି, ମୋ ଘରେ ଜୋରଜବରଦସ୍ତ ଚଢାଉ ଚାଲିଛି । ଏତଲା ନ ଥାଇ ବିନା କାରଣରେ ଚଢାଉ କରାଯାଉଛି । ୩୦ ବର୍ଷ ହେଲା ସ୍ୱଚ୍ଛତାର ସହ କାମ କରୁଛି । ମତେ ହାରାସ୍ କରାଯାଉଛି । ଏହା ଏକ ଷଡ଼ଯନ୍ତ୍ର ଭଳି ଲାଗୁଛି । ପରିବାରକୁ ଧମକ ଦିଆଯାଉଥିବା ସହ ଆମେ ନିଃସହାୟ ବୋଲି କହିଛନ୍ତି ବିଷ୍ଣୁପଦ ସେଠୀ । ବ୍ରିଜ ଆଣ୍ଡ ରୁଫ କମ୍ପାନୀ ସହିତ ମୋର କୌଣସି ସମ୍ପର୍କ ନାହିଁ । ମୁଁ ଚାକିରିରୁ ଇସ୍ତଫା ଦେବାକୁ ପ୍ରସ୍ତୁତ ଅଛି । ମୋର କିଛି ଦୋଷ ନାହିଁ ବୋଲି ବିଷ୍ଣୁପଦ କହିଛନ୍ତି । ସୂଚନାଯୋଗ୍ୟ, ବ୍ରିଜ୍ ଆଣ୍ଡ ରୁଫ୍ କମ୍ପାନୀର ଲାଞ୍ଚ କାରବାର ମାମଲାକୁ ନେଇ ବରିଷ୍ଠ ଆଇଏଏସ ଅଧିକାରୀ ବିଷ୍ଣୁପଦଙ୍କ ଘରେ ମଙ୍ଗଳବାର ଚଢାଉ କରାଯାଇଛି । ସିବିଆଇର ୮ଜଣିଆ ଟିମ୍ ବିଷ୍ଣୁପଦଙ୍କ ସରକାରୀ କ୍ୱାର୍ଟର୍ସରେ ପହଞ୍ଚି ଚଢ଼ାଉ କରିଥିଲେ । ଘରେ ସିବିଆଇ ପହଞ୍ଚିବା ପରେ ୮ଜଣିଆ ଟିମ୍ ସହିତ ବିଷ୍ଣୁପଦଙ୍କ କଥା କଟାକଟି ହୋଇଥିଲା । ଏପରିକି ସିବିଆଇ ଅଧିକାରୀଙ୍କୁ ବିଷ୍ଣୁପଦ ସେଠୀ ଠିକ୍ ଭାବେ ବ୍ୟବହାର କରିନଥିବା ଅଭିଯୋଗ ହୋଇଛି । ପରବର୍ତ୍ତୀ ସମୟରେ ବିଷ୍ଣୁପଦ ସେଠୀଙ୍କ ସହିତ ସିବିଆଇର ୮ ଜଣିଆ ଟିମ୍ ଆଲୋଚନା କରିଥିଲେ ଏବଂ ଚଢ଼ାଉ ପାଇଁ କ୍ୱାର୍ଟର୍ସରେ ଭିତରକୁ ପ୍ରବେଶ କରିଥିଲେ ।

୮୩୦୦ ଗ୍ରାମକୁ ନାହିଁ ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ସଂଯୋଗ

ଭୁବନେଶ୍ୱର,୧୮।୨: ରାଜ୍ୟର ୮୩୦୦ ଗ୍ରାମକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ସଡକ ସଂଯୋଗ ହୋଇପାରି ନାହିଁ। ରାଜ୍ୟ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ ମଙ୍ଗଳବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି । ଗ୍ରାମାଞ୍ଚଳରେ ସଡକ ସଂଯୋଗ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି ଯେ ୨୦୧୧ ଜନଗଣନାକୁ ଭିତ୍ତିକୁ ୨୦୧୭-୧୮ ମସିହାରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯେଜାନା ପାଇଁ ପ୍ରସ୍ତୁତ ହୋଇଥିବା ଜିଲ୍ଲା ଗ୍ରାମ ସଡକ ଯୋଜନା ଅନୁସାରେ ରାଜ୍ୟରେ ୫୯,୯୭୧ଟି ଗ୍ରାମ ରହିଥିଲା । ସେଥି ମଧ୍ୟରୁ ୫୧,୬୭୧ ଟି ଗ୍ରାମକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାଓ ରାଜ୍ୟ ସରକାରଙ୍କ ଅନ୍ୟାନ୍ୟ ଯୋଜନାରରେ ପର୍ଯ୍ୟାୟକ୍ରମେ ସଂଯୋଗୀକରଣ କରାଯାଇଥିଲା । ତେବେ ଏହି ଯୋଜନାର ନିୟମ ଅନୁଯାୟୀ ଯୋଗ୍ୟ ବିବେଚିତ ହେଉନଥିବାରୁ ୮୩୦୦ଟି ଗ୍ରାମକୁ ସଂଯୋଗୀକରଣ କରାଯାଇନଥିଲା । ଏଥି ମଧ୍ୟରେ କୋରାପୁଟ ଜିଲ୍ଲାର ସର୍ବାଧିକ ୧୩୭୪ଟି ଗ୍ରାମ ଥିବାବେଳେ ରାୟଗଡାର ୧୦୯୯ଟି, ନବରଙ୍ଗପୁରର ୬୪୧ଟି, କଳାହାଣ୍ଡିର ୫୭୪ଟି ଗ୍ରାମ ରହିଛି । ତାଲିକାରେ ଝାରସୁଗୁଡା ଜିଲ୍ଲାର ୩୪ଟି ଗ୍ରାମ ରହିଥିବା ମନ୍ତ୍ରୀ କହିଛନ୍ତି । ବର୍ତ୍ତମାନ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାର ଚତୁର୍ଥ ପର୍ଯ୍ୟାୟକୁ କ୍ୟାବିନେଟ ମଞ୍ଜୁରୀ ଦେଇଛନ୍ତି । ଏହା ନିମନ୍ତେ ଅସଂଯୋଜିତ ଗ୍ରାମଗୁଡିକର ସର୍ଭେକାମ ସମସ୍ତ ରାଜ୍ୟରେ ଚାଲୁ ରହିଛି । ସର୍ଭେ ପ୍ରକ୍ରିୟା ସମାପ୍ତି ପରେ କେତେ ଗାଁ ଓ ପଡାଗାଁକୁ ଏଯାବତ୍ ସବୁଦିନିଆ ରସ୍ତା ନାହିଁ ତାହାର ପ୍ରକୃତ ତଥ୍ୟ ସାମ୍ନାକୁ ଆସିପାରିବ ।

ବିଧାନସଭାରେ ଆଇନ ଶୃଙ୍ଖଳା ଓ କିଟ୍ ପ୍ରସଙ୍ଗ

ଭୁବନେଶ୍ୱର,୧୮।୨(ନିପ୍ର): ମଙ୍ଗଳବାର ବିଧାନସଭାରେ କିଟ ପ୍ରସଙ୍ଗ ଓ ଖରାପ ଆଇନ ଶୃଙ୍ଖଳା ପରିସ୍ଥିତି ବିଷୟ ଉଠିଥିଲା । ବିରୋଧୀ ଦଳର ବିଧାୟକ ପ୍ରତାପ କେଶରୀ ଦେବ ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ରାଜ୍ୟ ସରକାରଙ୍କୁ ଘେରିଥିଲେ । ସେ କହିଥିଲେ ଯେ, ଓଡ଼ିଆ ଅସ୍ମିତା କଥା କହି ସରକାରକୁ ଆସିଥିବା ବିଜେପି ଏବେ ଆଇନ୍ ଶୃଙ୍ଖଳା ରକ୍ଷା କରିବାରେ ବିଫଳ । କିଟ୍ ବିଶ୍ୱବିଦ୍ୟାଳୟର ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣା ଓଡିଶା ନିନ୍ଦିତ ହୋଇଛି । ଆନ୍ତର୍ଜାତିକ ସ୍ତରରେ ଓଡିଶା ନିନ୍ଦିତ । ରାଜଧାନୀରୁ ପୁରପଲ୍ଲୀ ଯାଏଁ ସବୁଠି ଆଇନ୍ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ । ଭୁବନେଶ୍ୱରରେ ଆପାର୍ଟମେଣ୍ଟରେ ଲୋକେ ସୁରକ୍ଷିତ ନୁହଁ । ଭରତପୁର ଥାନା ଘଟଣା ପ୍ରମାଣିତ କରୁଛି ଥାନାରେ ବି ଲୋକେ ସୁରକ୍ଷିତ ନୁହଁନ୍ତି । ରାଜ୍ୟପାଳଙ୍କ ପୁଅ ମାଡ଼ ଘଟଣାରେ ଜିଲ୍ଲାପାଳଙ୍କ ତଦନ୍ତ ରିପୋର୍ଟ ଆସିଲାନି । ବିଜିଟି ମଦ ମୃତ୍ୟୁ ଘଟଣାରେ ଆର୍‌ଡିସି ତଦନ୍ତ ରିପୋର୍ଟ ଆସିଲାନି ଏଯାଏ । ମୋ ନିର୍ବାଚନ ମଣ୍ଡଳୀର ଗୋଟିଏ ଘଟଣାରେ ଏଫଆଇଆର ଦିଆଯାଇଛି କିନ୍ତୁ ଦୋଷୀ ବୁଲୁଛନ୍ତି । ପୋଲିସ ନୀରବ । ରାଜ୍ୟ ସାରା ସବୁଠି ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ ।

ଡ୍ରେନେଜ୍ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିବ ବିଏମସି

ଭୁବନେଶ୍ୱର,୧୮।୨(ନିପ୍ର): ସହରୀ ବନ୍ୟା ପ୍ରତିରୋଧ କରିବା ପାଇଁ ସହର ଷ୍ଟର୍ମୱାଟର ଡ୍ରେନେଜ୍ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିବାକୁ ଯାଉଛି ବିଏମସି । ଏଥିପାଇଁ ୮.୦୪ କୋଟି ଟଙ୍କାର ବ୍ୟୟ ବରାଦ ରହିଛି । ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ ପାଇଁ ଆଇଆଇଟି ରୁରକି ସହିତ ଚୁକ୍ତିନାମା ସ୍ୱାକ୍ଷର କରିଛି ବିଏମସି । ଭୁବନେଶ୍ୱରରେ ଆଉ ସୃଷ୍ଟି ହେବ ନାହିଁ କୃତ୍ରିମ ବନ୍ୟା । ପ୍ରତିବର୍ଷ, ମୌସୁମୀ ଋତୁରେ, ସହରଟି ବାତ୍ୟା ଜନିତ ବର୍ଷା ଏବଂ ସମୟ ସମୟରେ ମୂଷଳଧାରାରେ ବର୍ଷା ଯୋଗୁଁ ସହରୀ ବନ୍ୟା ଏବଂ ଜଳପ୍ଲାବନ ସମ୍ବନ୍ଧୀୟ ସମସ୍ୟାର ସମ୍ମୁଖୀନ ହେଉ ଥିଲେ ଲୋକେ । ରାଜଧାନୀ ସହରର ବିଭିନ୍ନ ତଳିଆ ଅଂଚଳରେ ଘଂଟା ଘଂଟା ଧରି ଜଳବନ୍ଦୀ ରହେ, ଯେଉଁଥିରେ ବସ୍ତି , ଟ୍ରାଫିକ, କଲୋନୀ ଇତ୍ୟାଦି ଲୋକେ ଅସୁବିଧା ର ସମୁଖୀନ ହୁଅନ୍ତି । ବିଏମସି ସାରା ଭୁବନେଶ୍ୱରରେ ସହରାଂଚଳ ବନ୍ୟାକୁ ନିୟନ୍ତ୍ରିତ କରିବା ପାଇଁ ଏକ ଜଳବାୟୁ-ସ୍ମାର୍ଟ ଡ୍ରେନେଜ୍ ସିଷ୍ଟମ ପାଇଁ ମାଷ୍ଟର ପ୍ଲାନ୍ ଏବଂ ଡ୍ରାଫ୍ଟ ପ୍ରୋଜେକ୍ଟ ରିପୋର୍ଟ ପ୍ରସ୍ତୁତ କରିବାରେ ଆବଶ୍ୟକ ପ୍ରଯୁକ୍ତି ଜ୍ଞାନ ଏବଂ ବିଶେଷଜ୍ଞତା ର ଉପଯୋଗ କରିବାକୁ ଆଇଆଇଟି ରୁରକି ସହିତ ଚୁକ୍ତିନାମା ସ୍ୱାକ୍ଷର କରିଛି । ଆଗାମୀ ଏକ ବର୍ଷ ମଧ୍ୟରେ ପ୍ରାୟ ୨୫୬ ବର୍ଗ କିଲୋମିଟର ଅଂଚଳକୁ ନେଇ ସମଗ୍ର ସହରର ବର୍ଷାଜଳ ପରିଚାଳନା ପାଇଁ ଏକ ସମନ୍ୱିତ ସମାଧାନ ପ୍ରଦାନ କରିବା ପାଇଁ ଆଇଆଇଟି ରୁରକି ଏକ ବ୍ୟାପକ ଡ୍ରେନେଜ୍ ମାଷ୍ଟର ପ୍ଲାନ୍ ଏବଂ ଡିପିଆର ପ୍ରସ୍ତୁତ କରିବ । ଏଥିପାଇଁ ଏକବର୍ଷ ସମୟ ଲାଗିବ । ଏହି ଏମଓୟୁ ସ୍ୱାକ୍ଷର କାର୍ଯ୍ୟକ୍ରମରେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ସହିତ ବିଏମସି ମେୟର, ବିଏମ୍ସି କମିଶନର ଏବଂ ରୁରକିର ସଦସ୍ୟ ମାନେ ଉପସ୍ଥିତ ଥିଲେ ।

ମହାପ୍ରଭୁଙ୍କ ବନକଲାଗି ନୀତି
୫ ଘଣ୍ଟା ବନ୍ଦ ରହିବ ସର୍ବସାଧାରଣ ଦର୍ଶନ

ପୁରୀ,୧୮।୨: ଆସନ୍ତାକାଲି ଫାଲଗୁନ କୃଷ୍ଣ ଷଷ୍ଠୀ ତିଥି । ଏହି ତିଥିରେ ଶ୍ରୀବିଗ୍ରହମାନଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ । ଏଣୁ ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବାପରେ ଆପାତତଃ ଅପରାହ୍ନ ୫ଟାରୁ ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ । ବୁଧବାର ଶ୍ରୀମନ୍ଦିରରେ ହେବ ଶ୍ରୀଜୀଉଙ୍କ ଗୁପ୍ତ ନୀତି । ଶ୍ରୀମନ୍ଦିରରେ ବନକଲାଗି ନୀତି ଅନୁଷ୍ଠିତ ହେଉଥିବା ହେତୁ ମହାପ୍ରଭୁଙ୍କ ସର୍ବସାଧାରଣ ଦର୍ଶନ ୫ ଘଣ୍ଟା ବନ୍ଦ ରହିବ । ଶ୍ରୀଜିଉଙ୍କ ବନକଲାଗି ନୀତି ଲାଗି ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ସନ୍ଧ୍ୟା ୫ରୁ ରାତି ୧୦ଟା ପର୍ଯ୍ୟନ୍ତ ୫ ଘଣ୍ଟା ପାଇଁ ମହାପ୍ରଭୁଙ୍କ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ । ବନକଲାଗି ନୀତି ସଂପନ୍ନ ହେବା ପରେ ଶ୍ରଦ୍ଧାଳୁ ଦର୍ଶନ କରିପାରିବେ । ଏନେଇ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

ଡାହାଣୀ ସନ୍ଦେହରେ ସ୍ୱାମୀ-ସ୍ତ୍ରୀଙ୍କୁ ହତ୍ୟା

ମୟୂରଭଞ୍ଜ,୧୮।୨: ଏବେ ବି କିଛି ଲୋକଙ୍କ ମନରେ ଭରି ରହିଛି ଅନ୍ଧବିଶ୍ୱାସ । ଏହି ଅନ୍ଧବିଶ୍ୱାସ ଯୋଗୁଁ ଆଜି ଗୋଟିଏ ସଂସାର ଉଜୁଡ଼ି ଯାଇଛି । ମୟୂରଭଞ୍ଜ ଜିଲ୍ଲାରେ ଦେଖିବାକୁ ମିଳିଛି ଏହି ଅଭାବନୀୟ ଘଟଣା । ଡାହାଣୀ ସନ୍ଦେହରେ ସ୍ୱାମୀ ଓ ସ୍ତ୍ରୀଙ୍କ ହତ୍ୟା କରାଯାଇଛି । ବିଶୋଇ ଥାନାର ଖଡମବେଡା ପଞ୍ଚାୟତର କିତାବେଡା ଗାଁରେ ଘଟିଯାଇଛି ଏହି ଘଟଣା । ସ୍ୱାମୀ-ସ୍ତ୍ରୀଙ୍କୁ ମାରଣାସ୍ତ୍ରରେ ନୃଶଂସ ଭାବେ ହତ୍ୟା କରିଛି ପଡୋଶୀ । ଅଭିଯୁକ୍ତ ପଡୋଶୀ ଜଣକ ହେଲେ ଅଜୟ ନାଏକ । ହତ୍ୟାକାଣ୍ଡ କରି ଫେରାର ହୋଇ ଖସି ପଳାଉଥିବା ବେଳେ ବିଶୋଇ ପୋଲିସ ତାକୁ ଧରିବାରେ ସଫଳ ହୋଇଛି । ମୃତକ ସ୍ୱାମୀ ହେଉଛନ୍ତି ଦେବେନ୍ଦ୍ର ନାୟକ ଓ ସ୍ତ୍ରୀ ଚମ୍ପା ନାୟକ । ଦେବେନ୍ଦ୍ର ଓ ତାଙ୍କ ସ୍ତ୍ରୀ ଗାଁ ରେ ଗୁଣି ଗାରେଡ଼ି କରୁଥିବା ସନ୍ଦେହ କରୁଥିଲା ଅଜୟ । ଏନେଇ ଅଭିଯୁକ୍ତକୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି ପୋଲିସ । ଏକ ଧାରୁଆ ମାରଣାସ୍ତ୍ରରେ ଉଭୟଙ୍କୁ ହାଣି ହତ୍ୟା କରିଛି ଅଭିଯୁକ୍ତ ଅଜୟ । ଉଭୟଙ୍କ ମୃତଦେହ ଜବତ କରି ପୋଲିସ ବ୍ୟବଚ୍ଛେଦ ପାଇଁ ପଠାଇଛି ।

କିଟ୍ ଛାତ୍ରୀ ଆତ୍ମହତ୍ୟା ଘଟଣା: ୫ଜଣଙ୍କୁ ଗିରଫ ପରେ ଜାମିନ

ଭୁବନେଶ୍ୱର,୧୮।୨: କିଟ୍‌ରେ ନେପାଳୀ ଛାତ୍ରୀ ଆତ୍ମହତ୍ୟାକୁ ନେଇ ସାରା ଦେଶ ଉଠୁଛି ପଡୁଛି । ଘଟଣାକୁ ନେଇ ସାରା ଦେଶରେ ଓଡ଼ିଶାକୁ ନିନ୍ଦା କରାଯାଉଛି । ଆତ୍ମହତ୍ୟା ମାମଲାକୁ ନେଇ ରାଜ୍ୟ ରାଜନୀତି ଏବେ ସରଗରମ ରହିଛି । ଇଂଜିନିୟରିଂ ଛାତ୍ରୀ ପ୍ରକୃତି ଲାମ୍‌ସା(୧୯)କେ ମୃତ୍ୟୁ ମାମଲାରେ ମଙ୍ଗଳବାର ଗିରଫ ହୋଇଥିବା ୩ ନିର୍ଦ୍ଦେଶକଙ୍କ ସମେତ ୫ ଜଣଙ୍କୁ ଭୁବନେଶ୍ୱର ଜେଏମ୍‌ଏଫ୍‌ସି-୨ କୋର୍ଟ ଜାମିନ ପ୍ରଦାନ କରିଛନ୍ତି । ଅଦାଲତ ନିର୍ଦ୍ଦେଶକ ଶିବାନନ୍ଦ ମିଶ୍ର, ପ୍ରତାପ ଚମ୍ପତି, ସୁଧୀର ରଥଙ୍କୁ ଜାମିନଙ୍କ ସମେତ ସୁରକ୍ଷାକର୍ମୀ ରମାକାନ୍ତ ନାୟକ ଓ ଯୋଗେନ୍ଦ୍ର ବେହେରାଙ୍କୁ ଜାମିନ ପ୍ରଦାନ କରିଛନ୍ତି । ଜଣେ ଜାମିନଦାର ଓ ୨୦ ହଜାର ଟଙ୍କା ବେଲ୍ ବଣ୍ଡରେ ଜାମିନ ଆଧାରରେ କୋର୍ଟ ଏହି ଜାମିନ ପ୍ରଦାନ କରିଛନ୍ତି । କିଟ ବିଶ୍ୱବିଦ୍ୟାଳୟ ଛାତ୍ରୀ ମୃତ୍ୟୁ ଘଟଣାରେ ୫ଜଣଙ୍କୁ ଗିରଫ କରାଯାଇଥିଲା । ଏହି ଘଟଣାରେ ୩ ନିର୍ଦ୍ଦେଶକଙ୍କ ସମେତ ୨ ସୁରକ୍ଷାକର୍ମୀଙ୍କୁ ଗିରଫ କରାଯାଇଛି । ଘଟଣାର ତଦନ୍ତ ନେଇ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି ରାଜ୍ୟ ସରକାର । ଏହି କମିଟିରେ ସ୍ଥାନ ପାଇଛନ୍ତି ୩ଟି ବିଭାଗର ସଚିବ । କମିଟିରେ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପ୍ରମୁଖ ସଚିବ ଓ ଉଚ୍ଚ ଶିକ୍ଷା ବିଭାଗର ସଚିବ ମଧ୍ୟ ସ୍ଥାନ ପାଇଛନ୍ତି । କମିଟି ଗଠନ କରିବା ସହ ଛାତ୍ରୀଛାତ୍ରୀଙ୍କୁ ଘରୋଇ ସୁରକ୍ଷାକର୍ମୀ ମାଡ଼ ମାରିବାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ସେ କହିଛନ୍ତି, ଯେଉଁମାନେ ଦୋଷୀ ସାବ୍ୟସ୍ତ ହେବେ ସେମାନଙ୍କୁ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ । ସମସ୍ତ ଛାତ୍ରୀଛାତ୍ରଙ୍କ ସୁରକ୍ଷା ଓ ସମ୍ମାନ ନେଇ ସରକାର ପ୍ରତିଶ୍ରୁତିବଦ୍ଧ । ନ୍ୟାୟ ଦେବା ପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାର ପଦକ୍ଷେପ ନେବେ । ସୂଚନାଯୋଗ୍ୟ ଯେ, କିଟ୍‌ରେ ପୁରୁଷବନ୍ଧୁଙ୍କ ନିର୍ଯାତନା ସହି ନ ପାରି ଜଣେ ନେପାଳୀ ଇଞ୍ଜିନିୟରିଂ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି । ମୃତା ଛାତ୍ରୀ ହେଲେ ବି.ଟେକ୍ ତୃତୀୟ ବର୍ଷ (କମ୍ପ୍ୟୁଟର ସାଇନ୍ସ)ର ପ୍ରକୃତି ଲାମ୍‌ସଲ୍ (୨୦) । ରବିବାର ଅପରାହ୍ନରେ ଫ୍ୟାନ୍ ଜରିଆରେ ଓଢ଼ଣିରେ ଝୁଲି ଆତ୍ମ ବୁଜିଛନ୍ତି । ତେବେ ଏହି ଘଟଣାକୁ କେନ୍ଦ୍ର କରି କ୍ୟାମ୍ପସ୍ ଅଶାନ୍ତ ହୋଇଥିବା ଘଟଣାକୁ ନେଇ ଦେଶବ୍ୟାପୀ ଉଦ୍‌ବେଗ ପ୍ରକାଶ ପାଇଛି । ପୁରୁଷବନ୍ଧୁଙ୍କ ବ୍ଲାକମେଲ୍‌ରୁ ପ୍ରକୃତି ଏଭଳି କରିବାକୁ ବାଧ୍ୟ ହୋଇଥିଲେ ବୋଲି ସହପାଠୀମାନେ ଦାବି କରିବା ସହ କଲେଜ କର୍ତ୍ତୃପକ୍ଷଙ୍କ ଅବହେଳାକୁ ଦାୟୀ କରି ଆନ୍ଦୋଳନକୁ ଓହ୍ଲାଇଥିଲେ । ଶତାଧିକ ନେପାଳୀ ଛାତ୍ରୀଛାତ୍ର ଆନ୍ଦୋଳନ କରିବା ସହ ବିଶ୍ୱବିଦ୍ୟାଳୟ ସାମ୍ନା ରାସ୍ତାକୁ ଅବରୋଧ କରି ବିକ୍ଷୋଭ କରିଥିଲେ ।

୨୦ରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ଶପଥ ଗ୍ରହଣ !

ନୂଆଦିଲ୍ଲୀ,୧୮।୨: ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ଶପଥ ଗ୍ରହଣ ଉତ୍ସବର ସମୟ ପରିବର୍ତ୍ତନ ହୋଇଛି । ଏବେ ଶପଥ ଗ୍ରହଣ ଉତ୍ସବ ୨୦ ଫେବୃଆରୀ ସକାଳ ୧୧ଟାରେ ଅନୁଷ୍ଠିତ ହେବ । ପୂର୍ବରୁ ଏହାର ସମୟ ଅପରାହ୍ନ ୪.୩୦ରେ ସ୍ଥିର କରାଯାଇଥିଲା । ଦିଲ୍ଲୀର ରାମଲୀଳା ମଇଦାନରେ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହେବ । ଏହା ପୂର୍ବରୁ ଫେବୃଆରୀ ୧୯ ତାରିଖ ଅପରାହ୍ନ ୩.୩୦ରେ ଭାଜପା ବିଧାୟକ ଦଳର ଏକ ବୈଠକ ହେବ । ଏହି ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ଚେହେରା ଚୟନ କରାଯିବ । ପ୍ରସ୍ତୁତି ମଧ୍ୟରେ ମୁଖ୍ୟମନ୍ତ୍ରୀ ମୁହଁ ଘୋଷଣାରେ ବିଳମ୍ବକୁ ନେଇ ଆମ ଆଦମୀ ପାର୍ଟି (ଆପ) ଭାଜପାକୁ କଟାକ୍ଷ କରିଛି । ଆପର ଦିଲ୍ଲୀ ରାଜ୍ୟ ସଂଯୋଜକ ଗୋପାଳ ରାୟ କହିଛନ୍ତି, ଭାରତର ଇତିହାସରେ ଏହା ପ୍ରଥମ ଥର ଯେ ବିବାହ ଶୋଭାଯାତ୍ରା ପ୍ରସ୍ତୁତ, ମଣ୍ଡପ ମଧ୍ୟ ପ୍ରସ୍ତୁତ, କିନ୍ତୁ ଭାଜପା ଏପର୍ଯ୍ୟନ୍ତ କିଏ ବର ହେବ ତାହା ନିଷ୍ପତ୍ତି ନେଇପାରୁନାହିଁ । ସେ କହିଥିଲେ, ଭାଜପା ସବୁକିଛି କରୁଛି କିନ୍ତୁ ଏପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇନାହିଁ ।

ଦନ୍ତାହାତୀର ମୃତଦେହ ଠାବ

ରିଆମାଳ,୧୮।୨: ଦେବଗଡ଼ ଜିଲ୍ଲା ରିଆମାଳ ରେଞ୍ଜ କୁଣ୍ଡେଇଗୋଳା ସେକ୍ସନ ଅନ୍ତର୍ଗତ ସୁରଙ୍ଗିପାଲ ତାରିଣୀ ମନ୍ଦିର ନିକଟରେ ଏକ ଦନ୍ତାହାତୀର ମୃତଦେହ ଠାବ ହୋଇଛି । ମଙ୍ଗଳବାର ସକାଳୁ ଖବରପାଇ ବନ ବିଭାଗ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ମୃତ ଦନ୍ତାହାତୀର ପାଟିରେ କ୍ଷତ ସ୍ଥାନ ଥିବା ବେଳେ କେଉଁ କାରଣ ପାଇଁ ମୃତ୍ୟୁ ଘଟିଛି ତଦନ୍ତ ଚାଲିଛି । ଖବର ପାଇ ରେଞ୍ଜର ନିରଞ୍ଜନ ଧଡୁଆ ଓ ଫରେଷ୍ଟର ତପନ ନାୟକ ପହଞ୍ଚିଛନ୍ତି । ଏହି ଦନ୍ତାହାତୀଟି ଦୀର୍ଘ ଦିନ ହେଲା ଅଞ୍ଚଳରେ ଉପଦ୍ରବ କରି ଚାଲିଥିବା ବେଳେ ବହୁ ଜୀବନହାନି ଘଟାଇଥିଲା ।

ଗଙ୍ଗାପାଣିରେ ମିଳିଲା କ୍ଷତିକାରକ ବ୍ୟାକ୍ଟେରିଆ !

ନୂଆଦିଲ୍ଲୀ,୧୮।୨: ନିକଟରେ କୁମ୍ଭମେଳା ସରିଥିବା ବେଳେ ଗଙ୍ଗା-ଯମୁନାରେ ପ୍ରଦୂଷଣ ବୃଦ୍ଧି ପାଇଛି । କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ଜାତୀୟ ସବୁଜ ଟ୍ରିବ୍ୟୁନାଲ (ଏନଜିଟି)କୁ ଏହାର ରିପୋର୍ଟ ଦାଖଲ କରିଛି । ଏହି ରିପୋର୍ଟରେ କୁହାଯାଇଛି ଯେ ମହାକୁମ୍ଭ ସମୟରେ ପ୍ରୟାଗରାଜରେ ମଳ କୋଲିଫର୍ମ ଜୀବାଣୁର ପରିମାଣ ବୃଦ୍ଧି ପାଇଛି, ଯାହାଦ୍ୱାରା ନଦୀରେ ପ୍ରଦୂଷଣର ସ୍ତର ବଢିଯାଇଛି । ରିପୋର୍ଟ ଅନୁଯାୟୀ, ମହାକୁମ୍ଭ ଚାଲିଥିବା ଦିନଠାରୁ ପ୍ରୟାଗରାଜର ବିଭିନ୍ନ ସ୍ଥାନରେ କ୍ଷତିକାରକ ବ୍ୟାକ୍ଟେରିଆ ସ୍ତର ବଢିଯାଇଛି । ଯାହାପାଇଁ ଗଙ୍ଗା-ଯମୁନା ପାଣି ସ୍ନାନ କରିବା ଲାଗି ଆଉ ଉପଯୁକ୍ତ ନୁହେଁ । କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ରିପୋର୍ଟରେ କୁହାଯ

ମହାଭାରତ ଯୁଦ୍ଧରେ ଧର୍ମର ବିଜୟ ହେଲା

ମହାଭାରତ ଯୁଦ୍ଧ ହେବା ନିଶ୍ଚିତ ହୋଇସାରିଥିଲା । ଶ୍ରୀକୃଷ୍ଣଙ୍କୁ ନିଜ ପକ୍ଷକୁ ଆଣିବା ଲାଗି ଦୁର୍ଯ୍ୟୋଧନ ଦ୍ୱାରିକାରେ ପହଞ୍ଚିଲା । ସେବକମାନେ ମନା କରିବା ସତ୍ତ୍ୱେ ସେ ଉଦଣ୍ଡତାପୂର୍ବକ ଶ୍ରୀକୃଷ୍ଣଙ୍କ ଶୟନ କକ୍ଷରେ ପହଞ୍ଚିଗଲା । ଶ୍ରୀକୃଷ୍ଣ ଶୋଇଥିଲେ । ଦୁର୍ଯ୍ୟୋଧନ ଶ୍ରୀକୃଷ୍ଣଙ୍କୁ ପାଦ ପାଖରେ ଥିବା ଖାଲି ସ୍ଥାନ ଦେଖି ସେଠାରେ ବସି ଅପେକ୍ଷା କଲେ । କିଛିକ୍ଷଣ ପରେ ସେ ଭାବିଲା, ମୁଁ ତ ରାଜା । କାହାର ପାଦ ପାଖରେ ବସିବା ମୋ ପକ୍ଷେ ଉଚିତ ନୁହେଁ । ଏହା ଭାବି ସେ ଉଠିଲା ଏବଂ ମୁଣ୍ଡ ପାଖରେ ବସି ଶ୍ରୀକୃଷ୍ଣଙ୍କ ନିଦ ଭାଙ୍ଗିବାକୁ ଅପେକ୍ଷା କଲା । ଅର୍ଜୁନ ମଧ୍ୟ ଶ୍ରୀକୃଷ୍ଣଙ୍କ ସହାୟତା ଚାହୁଁଥିଲେ । ସେ କିଛି ସମୟ ପରେ ଶ୍ରୀକୃଷ୍ଣଙ୍କ ଶୟନକକ୍ଷକୁ ଆସିଲେ । କିନ୍ତୁ ଶ୍ରୀକୃଷ୍ଣଙ୍କ ନିକଟରେ ଦୁର୍ଯ୍ୟୋଧନଙ୍କୁ ପୂର୍ବରୁ ବସିଥିବା ଦେଖି ନିରାଶ ହେଲେ । ଅର୍ଜୁନ ସରଳତା ପୂର୍ବକ ଶ୍ରୀକୃଷ୍ଣଙ୍କ ପାଦ ପାଖରେ ବସିଗଲେ । କିଛି ସମୟ ପରେ ଯେତେବେଳେ ଭଗବାନ କୃଷ୍ଣ ଆଖି ଖୋଲିଲେ, ସେ ପ୍ରଥମେ ଅର୍ଜୁନଙ୍କୁ ଦେଖିଲେ । ମାଧବ ପଚାରିଲେ, ତୁମେ କେତେବେଳେ ଆସିଲ ପାର୍ଥ ? ହାତଯୋଡ଼ି ଅର୍ଜୁନ କହିଲେ, ଏଇ ତ' ଏବେ ଆସିଲି । ଦୁର୍ଯ୍ୟୋଧନ ହଠାତ୍ କହିଲା, ମୁଁ ଅର୍ଜୁନଙ୍କ ପୂର୍ବରୁ ଆସି ବସିଛି । ଏଣୁ ପ୍ରଥମେ ଆପଣଙ୍କ ଉପରେ ମୋର ଅଧିକାର ରହିଛି । ଶ୍ରୀକୃଷ୍ଣ କହିଲେ, ହେଲେ ମୁଁ ତ' ପ୍ରଥମେ ଅର୍ଜୁନଙ୍କୁ ଦେଖିଲି । ତୁମେ ରାଜା ହୋଇଥିବା କାରଣରୁ ଅହଂକାରବଶତଃ ମୋ ମୁଣ୍ଡ ପାଖରେ ବସିଲ । ତୁମେ ସନ୍ଧିର ପ୍ରସ୍ତାବ ନେଇ ଆସିଥିଲ । ଅନୁରୋଧ କିମ୍ବା ସହାୟତା ଆଶା ନେଇ ଆସିଥିଲେ ତୁମେ ନିଶ୍ଚୟ ମୋର ପାଦ ପାଖରେ ବସିଥାନ୍ତ । କିନ୍ତୁ ଅର୍ଜୁନ ପ୍ରକୃତରେ ମୋର ସହାୟତା ଚାହେଁ, ସେଥିପାଇଁ ସେ ମୋ ପାଦ ପାଖରେ ବସିଲା । ସେ ସହାୟତାର ଅନୁରୋଧ ନେଇ ଆସିଥିଲା । ଏଣୁ ସେ ମୋର ପାଦ ପାଖରେ ବସିଲା । ଈଶ୍ୱର ସମସ୍ତଙ୍କୁ ମୁଣ୍ଡର ସମ୍ମୁଖ ଭାଗରେ ଆଖି ଦେଇଛନ୍ତି । ସେଥିପାଇଁ ଆଖି ଖୋଲିବା ମାତ୍ରେ ପାଦ ପାଖରେ ବସିଥିବା ଲୋକ ପ୍ରତି ପ୍ରଥମେ ନଜର ପଡ଼ିଥାଏ । ଶ୍ରୀକୃଷ୍ଣ ପୁଣି କହିଲେ, ସହାୟତା ପାଇଁ ଅନୁରୋଧ କରିବାକୁ ହେଲେ ପ୍ରଥମେ ଶିଷ୍ଟାଚାର ପାଳନ କରିବାକୁ ପଡ଼ିଥାଏ । କିନ୍ତୁ ତାହା ତୁମେ ପାଳନ କରିଲ ନାହିଁ ଦୁର୍ଯ୍ୟୋଧନ । ରାଜାଙ୍କ ଭଳି ବସି କେବଳ ଆଦେଶ ଦିଆଯାଇଥାଏ, ଅନୁରୋଧ କରାଯାଇନଥାଏ । ଦୁର୍ଯ୍ୟୋଧନ ଏଥର ନିଜ ଭୁଲ୍ ବୁଝିପାରିଲେ । ଶିଷ୍ଟାଚାର ପାଳନ କରିନଥିବାରୁ କୃଷ୍ଣ କିନ୍ତୁ ତାଙ୍କୁ ଖାଲି ହାତରେ ଫେରାଇ ଦେଲେ ନାହିଁ । ତାଙ୍କ ଅନୁରୋଧ ଶୁଣିଲେ । ଯୁଦ୍ଧରେ ଶ୍ରୀକୃଷ୍ଣ ଭାଗ ନେବା ଲାଗି ମନା କରିଦେଲେ । ସେ କେବଳ ପରାମର୍ଶ ଦେବା ଲାଗି ରାଜି ହେଲେ । ଦୁର୍ଯ୍ୟୋଧନ ଅହଂକାର ବଳରେ ନାରାୟଣୀ ସେନାର ସହାୟତା ମାଗିଲା । ଶ୍ରୀକୃଷ୍ଣ ଏଥିରେ ରାଜି ହୋଇଗଲେ । ଦୁର୍ଯ୍ୟୋଧନ ପ୍ରସନ୍ନ ହେଲା । ଅର୍ଜୁନଙ୍କ ମୁଖରେ ସ୍ମିତହାସ୍ୟ ଥିଲା । କାରଣ ସେ ଜାଣିଥିଲେ ଶ୍ରୀକୃଷ୍ଣଙ୍କ ତୁଳନାରେ ଲକ୍ଷ ଲକ୍ଷ ସୈନିକ ମଧ୍ୟ ସମାନ ହେବେ ନାହିଁ । ଶ୍ରୀକୃଷ୍ଣଙ୍କୁ ପାଇ ଅର୍ଜୁନ ଭାବୁଥିଲେ, ମୋତେ ସତ୍ୟ, ଧର୍ମ ଏବଂ ନ୍ୟାୟର ସହାୟତା ମିଳିଯାଇଛି । ଏଣୁ ମହାଭାରତ ଯୁଦ୍ଧରେ ଧର୍ମ, ଅର୍ଥାତ୍ ପାଣ୍ଡବମାନଙ୍କର ହିଁ ଜୟ ହେବ । ଶେଷରେ ତାହା ହିଁ ହେଲା ।"

ନିୟମିତ ଖାଲି ପାଦରେ ଘାସ ଉପରେ ଚାଲନ୍ତୁ

ଚାଲିବା ସ୍ୱାସ୍ଥ୍ୟ ପକ୍ଷେ ହିତକର । କିନ୍ତୁ ଜାଣନ୍ତି କି ଘାସରେ ଚାଲିବା ଦୁଇଗୁଣା ଲାଭଦାୟକ । ବିଶେଷକରି ସକାଳେ ଖାଲି ପାଦରେ ଘାସ ଉପରେ ଚାଲିବା ଦ୍ୱାରା ଅନେକ ସମସ୍ୟାର ସମାଧାନ ହୋଇଥାଏ । ସୁସ୍ଥ ରହିବା ପାଇଁ ସ୍ୱାସ୍ଥ୍ୟକର ଖାଦ୍ୟ ସହ ଶାରିରୀକ ଚଳପ୍ରଚଳ ମଧ୍ୟ ନିହାତି ଦରକାର । ବ୍ୟସ୍ତ ଜୀବନଶୈଳୀ ଯୋଗୁ ପ୍ରାୟ ଲୋକ ୱାର୍କଆଉଟ୍ ଓ ବ୍ୟାୟାମ କରିବାକୁ ସମୟ ବାହାର କରିପାରି ନଥାନ୍ତି । ଏହି ପରିସ୍ଥିତିରେ ନିଜକୁ ସୁସ୍ଥ ରଖିବା ପାଇଁ ଚାଲିବା ହିଁ ଏକମାତ୍ର ସହଜ ଉପାୟ । ଖାଲି ପାଦରେ ଘାସ ଉପରେ ଚାଲିବା ଦ୍ୱାରା ବହୁ ପ୍ରକାରର ଫାଇଦା ମିଳିଥାଏ ।

ରକ୍ତଚାପ ଓ ପାଚନ ତନ୍ତ୍ର ସୁସ୍ଥ: ଏକ ଗବେଷଣା ଅନୁସାରେ ଧରିତ୍ରୀ ସହ ପାଦର ସିଧାସଳଖ ସମ୍ପର୍କ ଦ୍ୱାରା ଶରୀରରେ ଥିବା ସ୍ନାୟବିକ ବ୍ୟବସ୍ଥା ଓ ସର୍କିଡିଆନ୍ ରିଦିମ୍ ନିୟମିତ ହୋଇଥାଏ । ଫଳରେ ଶରୀରର ତାପମାତ୍ରା, ହରମୋନ୍ କ୍ଷରଣ, ପାଚନତନ୍ତ୍ର ଓ ରକ୍ତଚାପ ଆଦି ନିୟନ୍ତ୍ରିତ ରହିଥାଏ ।

ପ୍ରଦାହ କମାଏ : ଖାଲି ପାଦରେ ୨ ଘଣ୍ଟା ଘାସରେ ଚାଲିବା ଦ୍ୱାରା ପ୍ରଦାହ କମ୍ ହୋଇଥାଏ, ଯାହା ହୃଦୟ ରୋଗ, ଟାଇପ-୨ ମଧୁମେହ ଏବଂ କେତେକ ପ୍ରକାରର କର୍କଟର ରିସ୍କକୁ କମ୍ କରିଥାଏ ।

ଚିନ୍ତା ଦୂରାଏ : ଘାସରେ ଚାଲିବା ଦ୍ୱାରା ମନ ଶାନ୍ତ ହୋଇଥାଏ, ଯାହାଦ୍ୱାରା ଚିନ୍ତା କମ୍ ରହିଥାଏ । ପ୍ରକୃତି ଓ ଧରିତ୍ରୀ ସହ ଶରୀରର ସମ୍ପର୍କ ଦ୍ୱାରା ଚିନ୍ତାର ସ୍ତର କମ୍ ରହିଥାଏ । ଫଳରେ ମାନସିକ ସ୍ୱାସ୍ଥ୍ୟ ସୁଧାର ହେବାରେ ସାହାଯ୍ୟ କରିଥାଏ ।

ମୁଡ୍‌ରେ ସୁଧାର ଆଣେ : ଖାଲି ପାଦରେ ଘାସରେ ଚାଲିବା ଦ୍ୱାରା ମନକୁ ଖୁସି ଓ ଆରାମ ମିଳିଥାଏ । ଘାସରେ ଚାଲିବା ଦ୍ୱାରା ଶରୀରରୁ ଏଣ୍ଡୋଫିନ୍ କ୍ଷରଣରେ ହୋଇଥାଏ । ଏହା ଏକ ପ୍ରାକୃତିକ ମୁଡ୍ ଲିଫ୍ଟର ।

ଯନ୍ତ୍ରଣାରୁ ମୁକ୍ତି ଦିଏ : ଯଦି ଆପଣଙ୍କ ଶରୀରରେ ପୁରୁଣା ଯନ୍ତ୍ରଣା ରହିଥାଏ । ତେବେ ନିୟମିତ ଖାଲି ପାଦରେ ଘାସରେ ଚାଲିବା ଦ୍ୱାରା ଉପକାରିତା ମିଳିଥାଏ ।



ତୁଳସୀ ପ୍ରିୟ ବଦ୍ରିନାଥ

ଭୂବୈକୁଣ୍ଠ ରୂପେ ପରିଚିତ ବଦ୍ରିନାଥ ଧାମରେ ଭଗବାନ ନାରାୟଣ ଫୁଲରେ ନୁହେଁ ତୁଳସୀ ଦ୍ୱାରା ପ୍ରସନ୍ନ ହୋଇଥାନ୍ତି । ଏହି କାରଣରୁ ଭଗବାନ ବଦ୍ରି ବିଶାଳଙ୍କ ପୂଜାରେ ତୁଳସୀ ପ୍ରୟୋଗ କରାଯାଇଥାଏ । କେବଳ କବାଟ ବନ୍ଦ ହେବା ସମୟରେ ହିଁ

ଭଗବାନଙ୍କର ଫୁଲରେ ଶୃଙ୍ଗାର କରାଯାଇଥାଏ । ଶ୍ରୀବଦ୍ରିନାଥ ଧାମକୁ ମୋକ୍ଷର ଧାମ କୁହାଯାଇଥାଏ । ମନ୍ଦିରରେ ଭଗବାନ ନାରାୟଣ ପଦ୍ମାସନ ମୁଦ୍ରାରେ ବିରାଜମାନ । ଏଠାରେ ତାଙ୍କ ପୂଜା ଏବଂ ଶୃଙ୍ଗାରରେ ତୁଳସୀ ବ୍ୟବହୃତ ହୋଇଥାଏ । ଶାସ୍ତ୍ରୀୟ ମାନ୍ୟତା ଅନୁଯାୟୀ ରାକ୍ଷସ ଶଙ୍ଖଚୂଡ଼ର ଅନ୍ତ କରିବା ଲାଗି ନାରାୟଣଙ୍କୁ ଶଙ୍ଖଚୂଡ଼ର ପତ୍ନୀ ବିନ୍ଦ୍ରାର ସତୀତ୍ୱ ଭଙ୍ଗ କରିବାକୁ ପଡ଼ିଥିଲା । ବିନ୍ଦ୍ରା ଦ୍ୱାରା ଶାପଗ୍ରସ୍ତ ହୋଇ ଭଗବାନ ଶାଳଗ୍ରାମ ହୋଇଯାଇଥିଲେ । ଧର୍ମଧ୍ୱଜର ପୁତ୍ର ବିନ୍ଦ୍ରାକୁ ଭଗବାନ ନାରାୟଣ ବଚନ ଦେଇଥିଲେ ଯେ ସେ କଳିଯୁଗରେ ତୁଳସୀ ରୂପରେ ତାଙ୍କୁ ସ୍ୱୀକାର କରିବେ । ସେଥିପାଇଁ ଶାଳଗ୍ରାମ ଏବଂ ତୁଳସୀ ଦ୍ୱାରା ବଦ୍ରି ନାରାୟଣଙ୍କ ପୂଜା କରାଯାଇଥାଏ । ତେବେ ବଦ୍ରି ନାଥ ମନ୍ଦିରରେ ଯାତ୍ରା ବନ୍ଦ ହେବା ପରେ ନାରାୟଣ ଏବଂ ଲକ୍ଷ୍ମୀ ଗର୍ଭଗୃହରେ ବାସ କରିଥାନ୍ତି । ଏହି ସମୟରେ ତାଙ୍କର ପୁଷ୍ପ ଦ୍ୱାରା ପୂଜା ଏବଂ ଶୃଙ୍ଗାର କରାଯାଇଥାଏ ।

ସମ୍ମାନ-ଅପମାନ ଏକ ରେଖାର ଦୁଇବିନ୍ଦୁ

ସମ୍ମାନ-ଅପମାନ ଏକ ରେଖାର ଦୁଇବିନ୍ଦୁ। ଅପମାନ ଅସମ୍ମାନିତ କରାଏ, ଲୋକ ନିଜର ଅହମିକା ପ୍ରାବଲ୍ୟ ବେଳେ ଖରାଦିନ ଶୀତ ପରି ବୋଧ କରିଥାଏ । କିନ୍ତୁ ସମୟ ଦର୍ପ ଚୂର୍ଣ୍ଣ କରିବା ବେଳେ କେବଳ ଘରକଣରେ କାନ୍ଦିବା ସାର ହୁଏ। ଅଜାଗା ଘା ପରି ଲୋକର ଅନୁଭବ ରହେ। ପ୍ରକୃତରେ ଅପମାନ ଅଜାଗା ଘା। ସୁଖେ ଦୁଖେ ସଦା ସ୍ଥିର । ଧର୍ମରାଜ ଯୁଧିଷ୍ଠିର ଜୀବନରେ ରାଜବାଟୀରେ ଜନ୍ମ ହୋଇ ବି ଜଙ୍ଗଲରେ ଘୂରିବା ଦୀର୍ଘବର୍ଷର ଏକ କାମ ଥିଲା। ଏକ ବର୍ଷ ଅଜ୍ଞାତବାସ ଏହା ବି ନାମ ଗୋପନରେ । ଅନ୍ୟ ରାଜବାଟୀରେ ସ୍ତ୍ରୀର ଚାକରାଣୀ ଦାସୀ ବୃତ୍ତିକୁ ସହ୍ୟ କରି ରହିଛନ୍ତି। ରାଜକନ୍ୟାକୁ ବିବାହ ହୋଇ କୁମ୍ଭାର ଘରେ ଶାଳାରେ ମାଆ,ସ୍ତ୍ରୀଙ୍କ ସହିତ ରହିଛନ୍ତି । ରାଜା ଶ୍ରୀବତ୍ସ ସର୍ବହରା ହୋଇ ଶେଷରେ କାଠୁରିଆ ହୋଇଛନ୍ତି, ଖାଇବାକୁ ପାଇନାହାନ୍ତି। ହରିଶ୍ଚନ୍ଦ୍ର ରାଜା ରାଜ୍ୟହରା ହୋଇ ନୌକର ସାଜି ଶ୍ମଶାନ ଜଗୁଆଳ ସାଜିଛନ୍ତି। ଅନେକ ଅପମାନ ବଡ଼ ବଡ଼ ରାଜାଙ୍କ ଜୀବନରେ ଭୋଗ ହେବା ଶାସ୍ତ୍ର ଦର୍ଶାଉଛି। ଶ୍ରୀକ୍ଷେତ୍ରର କାହାଣୀରେ ଅଛି ପୁରୁଷୋତ୍ତମ ଦେବ କାଞ୍ଚିରେ ଅପମାନିତ ହୋଇଛନ୍ତି। ହେଲେ ସେ ଭକ୍ତିର ଆଶ୍ରୟରେ ପ୍ରଭୁ ଭରସାରେ ପୁନଃ ଜିତିଛନ୍ତି। କାଞ୍ଚି କନ୍ୟାକୁ ପ୍ରଭୁଙ୍କ ରଥଯାତ୍ରାରେ ଛେରା ପହଁରା ବେଳେ ପତ୍ନୀ ରୂପେ ଲାଭ କରିଛନ୍ତି। ପ୍ରଭୁ ମାନ ଉଦ୍ଧାରଣ କରନ୍ତି। ଦ୍ରୌପଦୀଙ୍କ ମାନ ରକ୍ଷା କୁରୁସଭାରେ କରିବା ଶାସ୍ତ୍ର କହୁଛି। କେହି ଗର୍ବ ଅହଙ୍କାର କଲେ ସେ ଅହଙ୍କାରକୁ ପ୍ରଭୁ ଟାଳି ଦିଅନ୍ତି । ତେବେ ସେ ଇଚ୍ଛାମୟ ପୁଣି ଇଚ୍ଛା କଲେ ପୁନଃ ପଦବୀରେ ସ୍ଥାପନ କରିପାରନ୍ତି। ତେଣୁ ଠାକୁରଙ୍କ ଦରବାରରେ ନିଜର ଭୁଲର ପ୍ରାୟଶ୍ଚିତ କରିବା ନିହାତି ଆବଶ୍ୟକ।

ହରିଶ୍ଚନ୍ଦ୍ର ରାଜା ରାଜ୍ୟହରା ହୋଇ ନୌକର ସାଜି ଶ୍ମଶାନ ଜଗୁଆଳ ସାଜିଛନ୍ତି। ଅନେକ ଅପମାନ ବଡ଼ ବଡ଼ ରାଜାଙ୍କ ଜୀବନରେ ଭୋଗ ହେବା ଶାସ୍ତ୍ର ଦର୍ଶାଉଛି।

ଈଶ୍ୱରଙ୍କ ପ୍ରତି ଦୃଢ଼ ଶ୍ରଦ୍ଧା

ମନୁଷ୍ୟ ସାଧାରଣତଃ ନିଦ୍ରା, ଅଚେତ କିମ୍ବା ଅଧା ଜାଗରଣ ରହି କାର୍ଯ୍ୟ କରିଥାଏ । ସେ କିଏ, କ'ଣ କରୁଛି, କାହିଁକି କରୁଛି ଏବଂ କାହାର ପ୍ରେରଣା ଯୋଗୁ କରୁଛି, ଏହାର ସୂଚନା ମନୁଷ୍ୟ ନିକଟରେ ନଥାଏ । ଏପରି ଭାବେ ମନୁଷ୍ୟ ନିଜର ସାରା ଜୀବନ କାଟିଦେଇଥାଏ । ସାଧାରଣତଃ ଆମେ ନିଜ ଅଭ୍ୟାସ, ମାନ୍ୟତା, ରୀତିନୀତି ଏବଂ ପ୍ରଚଳିତ ପ୍ରଥା ଅନୁଯାୟୀ ହିଁ ଜୀବନ ନିର୍ବାହ କରିଥାଉ । ଏଣୁ ନିମ୍ନ ପ୍ରକୃତି ଏବଂ ଦିବ୍ୟ ପ୍ରକୃତି ମଧ୍ୟରେ ପ୍ରଭେଦ ଜାଣିବାର ଦିବ୍ୟ ଦୃଷ୍ଟି ମନୁଷ୍ୟ ନିକଟରେ ରହିବା ଆବଶ୍ୟକ ।ଏହାବ୍ୟତୀତ ଦିବ୍ୟ କର୍ମ କରିବା ନିମନ୍ତେ ଆତ୍ମବିଶ୍ୱାସ, ସାହସ, ଦୃଢ଼ସଂକଳ୍ପ ଶକ୍ତି ଆଦି ଗୁଣର ଆବଶ୍ୟକତା ରହିଛି । ପ୍ରଭୁଙ୍କ ବିଶ୍ୱାସପାତ୍ର ସେବକ ହେବା ଲାଗି ଏହି ଯୋଗ୍ୟତାର ଆବଶ୍ୟକତା ରହିଛି । ମହାଯୋଗୀ ଶ୍ରୀଅରବିନ୍ଦ ନିଜ ପୁସ୍ତକ 'ମା'ରେ କହିଛନ୍ତି, ସ୍ୱଚ୍ଛ ହୃଦୟ ଏବଂ ମନରେ ଥିବା ଅଭିପ୍ସା ତୀବ୍ର ରହିଥିଲେ ଈଶ୍ୱରଙ୍କ ପ୍ରତି ଶ୍ରଦ୍ଧା ସାର୍ଥକ ଏବଂ ଶୁଦ୍ଧ ହୋଇଥାଏ । ଶ୍ରଦ୍ଧା ଦୃଢ଼ ହେଲେ ସାଧକ ପରମତତ୍ତ୍ୱର ଅନୁଭବ କରିପାରିବ । ମାତ୍ର ବର୍ତ୍ତମାନ ସମୟରେ ଶ୍ରଦ୍ଧାର ଅଭାବ ଯୋଗୁ ମନୁଷ୍ୟ ଜୀବନ ବିଷମୟ ହୋଇଉଠିଛି । ବାସ୍ତବ ଶ୍ରଦ୍ଧା ବର୍ତ୍ତମାନ ସ୍ୱପ୍ନ ପାଲଟିଯାଇଛି । ପ୍ରକୃତ ଶ୍ରଦ୍ଧା ରହିଲେ ଜୀବନ ଧନ୍ୟ ହୋଇଥାଏ । ପୂର୍ଣ୍ଣ ଶ୍ରଦ୍ଧାର ସହ ଜୀବନଯାପନ କଲେ ଚେତନାର ବିକାଶ ହୋଇଥାଏ । ହୃଦୟ ଆହୁରି ଈଶ୍ୱରଙ୍କ ନିକଟତର ହୋଇଥାଏ । ମନୁଷ୍ୟ ଈଶ୍ୱରଙ୍କୁ ଅନୁଭବ କରିପାରିଥାଏ । ଏହାକୁ ହିଁ ସିଦ୍ଧିର ସୀମା କୁହାଯାଏ । ଏଭଳି ସ୍ଥିତିରେ ସମସ୍ୟା, ବିଚାର, ଦୃଷ୍ଟି, କ୍ରିୟା ଏବଂ ଶ୍ୱାସପ୍ରଶ୍ୱାସ ସବୁ ଈଶ୍ୱରଙ୍କର ହୋଇଯାଇଥାଏ ।

ଡାଇବେଟିସ୍ ରୋଗୀଙ୍କ ପାଇଁ ପିଜୁଳି

ଡାଇବେଟିସ୍ ରୋଗୀଙ୍କ ପାଇଁ ପିଜୁଳି ଏକ ଉତ୍ତମ ଫଳ ଭାବରେ ପ୍ରମାଣିତ ହୋଇଛି । ପିଜୁଳିରେ ଅନେକ ଭିଟାମିନ୍ ରହିଥାଏ ତାହା ହେଉଛି- ଭିଟାମିନ୍ ସି', ଫାଇବର, ଆଇରନ୍, ପୋଟାସିୟମ ଏବଂ ଆଣ୍ଟି-ଅକ୍ସିଡାଣ୍ଟ, ଯାହା ବ୍ଲଡ ସୁଗାର ସ୍ତରକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ ।

ଆଜିକାଲିର ଲୋକମାନଙ୍କ କ୍ଷେତ୍ରରେ ଅନେକ ପ୍ରକାରର ରୋଗ ଦେଖାଦେଉଛି । ଏମିତି କିଛି ରୋଗ ରହିଛି ଯାହାକୁ ଯେତେ ପ୍ରକାରର ଔଷଧ ଖାଇଲେ ମଧ୍ୟ ଭଲ ହୋଇନଥାଏ । କିନ୍ତୁ ଆଜିକାଲି ଡାଇବେଟିସର ରୋଗ ବେଶ୍ ବୃଦ୍ଧି ପାଇଛି । ଡାଇବେଟିସ୍ ହେଲେ ଲୋକମାନେ ବହୁତ ପ୍ରକାର ହଇରାଣ ହୋଇଥାନ୍ତି । କାହିଁକି ନା ଏହି ସମୟରେ ଚାହୁଁଥିବା ଖ । ଦ ୟ ଖାଇପାରନ୍ତି ନାହିଁ । ସବୁଠାରୁ ବଡ କଷ୍ଟ କାର୍ଯ୍ୟ ହେଉଛି ଯେଉଁ ଖାଇବା ଉପରେ ଆଶା ଥିବ ତାହାକୁ ଖାଇପାରିବା ନାହିଁ । ମଣିଷ ସବୁ ସମୟରେ ଭଲମନ୍ଦ ଖାଦ୍ୟ ଖାଇବାକୁ ଚାହିଁଥାନ୍ତି । ହେଲେ ଏହି ପରିସ୍ଥିତିରେ କିଛି ବି ଖାଇବା ସମ୍ଭବପର ହୋଇ ନଥାଏ । ଏହାସହ ଯାହା କିଛି ବି ଖାଇବୁ ତାହା ଡାକ୍ତରଙ୍କ ପରାମର୍ଶ ନେଇ ଖାଇବା ପାଇଁ ପଡିବ । ଯଦି ଡାଇବେଟିସ୍ ହୁଏ ସେହି ଲୋକମାନେ ବହୁତ କଷ୍ଟ ପାଇଥାନ୍ତି ଏହାସହ ଦିନ ଏବଂ ରାତିରେ ଇଞ୍ଜେକ୍ସନ ନେଇଥାନ୍ତି । ମଣିଷ ପକ୍ଷେ ଇଞ୍ଜେକ୍ସନ ନେବା ଭାରି କଷ୍ଟ ହୋଇଥାଏ । ହେଲେ ଏହି ରୋଗରେ ନିୟମିତ ଭାବେ ନେବାକୁ ପଡିଥାଏ । ଏଭଳି ବହୁତ କଷ୍ଟ ପାଇଥାନ୍ତି ଡାଇବେଟିସ୍ ରୋଗୀ । ଡାଇବେଟିସ ରୋଗୀ କିଛି ନଖାଇ ପାରିଲେ ମଧ୍ୟ ଏମିତି ଏକ ଫଳ ରହିଛି ଯାହାକୁ ଖାଇଲେ ପାଟିକୁ ଭଲ ଲାଗିବା ସହ ଡାଇବେଟିସକୁ ମଧ୍ୟ କମ୍ କରିଥାଏ ।ସେହି ଫଳର ନାମ ହେଉଛି 'ପିଜୁଳି'। ଏହାର ସ୍ୱାଦ ବହୁତ ଭଲ ହୋଇଥାଏ । ଯାହାକୁ ଡାଇବେଟିସ ରୋଗୀମାନେ ନିର୍ଭୟ ଭାବରେ ଖାଇପାରିବେ । ଏଥିରେ କୌଣସି ପ୍ରକାରର ଅସୁବିଧା ନଥାଏ । ପିଜୁଳିକୁ ସଂସ୍କୃତରେ 'ଅମୃତ' ମଧ୍ୟ କୁହାଯାଏ । ବର୍ତ୍ତମାନ ଚାଲିଛି ଶୀତଋତୁ ଏହା ହେଉଛି ପିଜୁଳିର ଋତୁ । ଏହି ସମୟରେ ପିଜୁଳି ହୋଇଥାଏ, ଯାହାକୁ ଆପଣ ଭରପୂର ମାତ୍ରାରେ ଖାଇପାରିବେ । ଡାଇବେଟିସ୍ ରୋଗୀଙ୍କ ପାଇଁ ପିଜୁଳି ଏକ ଉତ୍ତମ ଫଳ ଭାବରେ ପ୍ରମାଣିତ ହୋଇଛି । ଏଥିରେ ଅନେକ ଭିଟାମିନ୍ ରହିଥାଏ ଯାହା ହେଉଛି- ଭିଟାମିନ୍ ସି', ଫାଇବର, ଆଇରନ୍, ପୋଟାସିୟମ ଏବଂ ଆଣ୍ଟି-ଅକ୍ସିଡାଣ୍ଟ, ଯାହା ବ୍ଲଡ ସୁଗାର ସ୍ତରକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ । ଏହାସହ ଏହାକୁ ଖାଇବା ଫଳରେ ଓଜନ କମ୍ ହୋଇଥାଏ । ଡାଇବେଟିସ ରୋଗୀମାନେ ଦିନସାରା ପିଜୁଳି ଖାଇଲେ ବି କିଛି ଅସୁବିଧା ହୋଇ ନଥାଏ । ଏହାସହ ସକାଳେ ଖାଲି ପେଟରେ ଗୋଟିଏ ପିଜୁଳି ଖାଇବା ଦ୍ୱାରା ପେଟ ଏବଂ ହଜମ ସମ୍ବନ୍ଧୀୟ ସମସ୍ୟାରୁ ମୁକ୍ତି ମିଳିଥାଏ । ଏହା କୋଷ୍ଠକାଠିନ୍ୟରୁ ମୁକ୍ତି ଦେଇଥାଏ ଏବଂ ମୋଟାପଣ ମଧ୍ୟ କମିଯାଏ ।

ପଞ୍ଚମୁଖୀ ହନୁମାନ

ଘରର ପଶ୍ଚିମ କିମ୍ବା ଉତ୍ତର-ପଶ୍ଚିମ କୋଣରେ ଝାଡୁ ରଖିପାରିବେ। କିନ୍ତୁ ଉତ୍ତର-ପୂର୍ବ କିମ୍ବା ଦକ୍ଷିଣ-ପୂର୍ବ ଅଥବା ପୂଜା ଘରେ ଝାଡୁ ରଖିବା ଆଦୌ ଶୁଭ ନୁହେଁ। ଏହା ବାସ୍ତୁଦୋଷ ଓ ଅଶାନ୍ତିକୁ ଡାକି ଆଣିଥାଏ।

କୁହାଯାଏ, ଘରେ କୌଣସି ବାସ୍ତୁଦୋଷ ଥିଲେ ଅନେକ ପ୍ରକାରର ଅଶାନ୍ତି ଉପୁଜିଥାଏ। ତେଣୁ ଏହି ବାସ୍ତୁଦୋଷକୁ ସହଜରେ କିପରି ଦୂର କରିହେବ ? ଘରର ବାସ୍ତୁଦୋଷ ଦୂର କରିବାକୁ ଐଶାନ୍ୟ କୋଣରେ କଳସ ସ୍ଥାପନ କରିପାରିବେ। କୁହାଯାଏ, କଳସ ହେଉଛନ୍ତି ବିଘ୍ନ ବିନାଶକ ପ୍ରଭୁ ଗଣେଶଙ୍କର ଏକ ସ୍ୱରୂପ। ତେଣୁ କଳସ ସ୍ଥାପନା କଲେ ଘରର ପରିସ୍ଥିତିରେ ଅନେକ ସୁଧାର ଆସିଥାଏ ବୋଲି ବିଶ୍ୱାସ ରହିଛି। ଘରର ମୁଖ୍ୟ ଦ୍ୱାରରେ ସିନ୍ଦୂରରେ ସ୍ୱସ୍ତିକ ଚିହ୍ନ କରିବା ମଧ୍ୟ ଶୁଭଫଳ ଦେଇଥାଏ। ଧ୍ୟାନ ରଖିବେ ଏହି ସ୍ୱସ୍ତିକ ଚିହ୍ନ ଯେପରି ୯ ଆଙ୍ଗୁଳି ଲମ୍ବା ଓ ୯ ଆଙ୍ଗୁଳି ଚଉଡ଼ା ବିଶିଷ୍ଟ ହେଉଥିବ। କୁହାଯାଏ, ଏହି ଚିହ୍ନର ପ୍ରଭାବରେ ଘରୁ ନକାରାତ୍ମକ ଊର୍ଜା ହ୍ରାସ ପାଇଥାଏ। ବାସ୍ତୁଶାସ୍ତ୍ରରେ ଘୋଡ଼ା ନାଲର ବି ଅନେକ ଗୁରୁତ୍ୱ ରହିଛି। କୁହାଯାଏ, ଏହି ନାଲକୁ ଘରର ମୁଖ୍ୟଦ୍ୱାର ନିକଟରେ ଟଙ୍ଗାଇଲେ ବାସ୍ତୁଦୋଷ ଦୂର ହେବା ସହ ସୌଭାଗ୍ୟ ପ୍ରାପ୍ତି ହୋଇଥାଏ। ଘରର ମୁଖ୍ୟଦ୍ୱାର ଯଦି ଦକ୍ଷିଣ ମୁହାଁ ହୋଇଥାଏ, ତା'ହେଲେ ପ୍ରବେଶ ଦ୍ୱାର ନିକଟରେ ପଞ୍ଚମୁଖୀ ହନୁମାନଙ୍କର ଫଟୋ ଲଗାଇବା ଶୁଭ ହୋଇଥାଏ। ସେହିପରି ପଞ୍ଚଧାତୁରେ ତିଆରି ପିରାମିଡ୍‌କୁ ବି ମୁଖ୍ୟଦ୍ୱାର ନିକଟରେ ରଖିଲେ ଶୁଭଫଳ ମିଳିଥାଏ ବୋଲି ବିଶ୍ୱାସ ରହିଛି। ଘରର ପଶ୍ଚିମ କିମ୍ବା ଉତ୍ତର-ପଶ୍ଚିମ କୋଣରେ ଝାଡୁ ରଖିପାରିବେ। କିନ୍

ରକ୍ଷଣା ବେକ୍ଷଣ ଅଭାବରୁ ଅଲୋଡ଼ା ହୋଇ ପଡିଛି ସହରର ବିଭିନ୍ନ ସେଲ୍ଫି ପଏଣ୍ଟ

ଆସିକା (ନିପ୍ର): -ଆସିକା ସହରର ପ୍ରମୁଖ ଛକ ଗୁଡ଼ିକୁ ସୁନ୍ଦର ଏବଂ ଆକର୍ଷଣୀୟ କରିବା ପାଇଁ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ୩୦ଲକ୍ଷରୁ ଉର୍ଦ୍ଧ ଟଙ୍କା ଖର୍ଚ୍ଚରେ ସେଲ୍‌ଫି ପଏଣ୍ଟ ନିର୍ମାଣ କରାଯାଇଛି । କିନ୍ତୁ ରକ୍ଷଣାବେକ୍ଷଣର ଅଭାବ ଯୋଗୁ ସେଗୁଡ଼ିକ ଅଳ୍ପ କିଛି ଦିନ ଭିତରେ ନଷ୍ଟ ହୋଇଗଲାଣି । କେଉଁଠି ସେଲଫି ପଏଣ୍ଟ ଭାଙ୍ଗିଗୁଜି ଗଲାଣି ତ ଆଉ କେଉଁଠି ପାଣି କାଦୁଅରେ ଭର୍ତି ହେଲାଣି । ସହରର ଅନେକ ସ୍ଥାନରେ ଏବେ ସେଲ୍‌ଫି ପଏଣ୍ଟ ଗୁଡ଼ିକ ଅବହେଳିତ ଅବସ୍ଥାରେ ପଡ଼ିଛି । ଯେଉଁ ଉଦ୍ଦେଶ୍ୟରେ ଲକ୍ଷ ଲକ୍ଷ ଟଙ୍କାରେ ସେଗୁଡ଼ିକ କରାଯାଇଛି ସେହି ଉଦ୍ଦେଶ୍ୟ ପୂରଣ ହୋଇପାରୁନି । କେବଳ ଟଙ୍କା ଖର୍ଚ୍ଚ ହୋଇଛି ଏବଂ କିଛି ଦିନ ପରେ ପ୍ରକଳ୍ପ କଦର୍ଯ୍ୟ ଅବସ୍ଥାକୁ ଚାଲି ଯାଇଛି । ଆସିକା ବସଷ୍ଟାଣ୍ଡ, ଟେଲିଫୋନ ଭବନ, କଳିଙ୍ଗ ରୋଡ଼ ପାର୍ଶ୍ୱ, ସୁନାମ୍ବ ସାହି, ବାଣୀବିହାର ଛକ, ପୁରୁଣା ବସଷ୍ଟାଣ୍ଡ ଆଦି ସ୍ଥାନରେ ଖୋଲା ସ୍ଥାନ ସୌନ୍ଦର୍ଯ୍ୟ କରଣ ଯୋଜନାରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିଲା । ଏଠାରେ କୋଣାର୍କ ଚକ ଆକର୍ଷଣୀୟ ମୂର୍ତ୍ତି, ଘାସରେ ର ତିଆରି ମୟୂର ମୂର୍ତ୍ତି, ଆଇ ଲଭ ଆସ୍କା, ଏହି ପରି ବହୁତ ଗୁଡିଏ ପ୍ରତିମୂର୍ତ୍ତି ନିର୍ମାଣ ହୋଇଥିଲା କିନ୍ତୁ ତାହା ରକ୍ଷଣା ବେକ୍ଷଣ ଅଭାବ ରୁ ମାଟି ଧୂଳି ଘାସ ବଣ ଓ ଲତା ବୁଦାରେ ପରିପୂର୍ଣ୍ଣ । ସେହିପରି ବଡ଼ନଦୀ ହୁଡ଼ାକୁ ଲାଗି ନିର୍ମିତ ଟୁଇନ ରିଭର ପାର୍କ ଟି ନିର୍ମାଣ ହେବା ପରଠୁ ହିଁ ଅନାବଶ୍ୟକ ଭାବେ ପଡି ରହିଛି ଯେଉଁଠାରେ ଯେତେ ରାତି ବଢୁଛି ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି । ଏବ ପାଚେରି ଭାଙ୍ଗି ଯିବା ସହ ଅନ୍ୟାନ୍ୟ ଆକର୍ଷଣୀୟ ଜିନିଷଗୁଡ଼ିକ ନଷ୍ଟ ହୋଇ ଗଲାଣି । ଏପରିକି ପରିସରକୁ ସଫା ମଧ୍ୟ କ କରାଯାଉ ନାହିଁ । ଅଳିଆ ଆବର୍ଜନାରେ ପରିସର ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି । ଯେଉଁ ସେଲ୍‌ଫି ପଏଣ୍ଟ ଏକଦା ଆକର୍ଷଣୀୟ ଥିଲା, ବର୍ତ୍ତମାନ ତାହା କଦର୍ଯ୍ୟ ଅବସ୍ଥାକୁ ଚାଲି ଗଲାଣି । ଲକ୍ଷ ଲକ୍ଷ ଟଙ୍କାରେ ନିର୍ମିତ ହୋଇଥିବା ଏହି ପ୍ରକଳ୍ପ ଏବେ ଏକ ପ୍ରକାର ବରବାଦ ଲାଗିଛି ।

ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସୁଧ ଫେରସ୍ତରେ କାଳକ୍ଷେପଣ ନୀତି

ଭାପୁର ,(ନିପ୍ର) : ଭାପୁର ବ୍ଲକରେ କାର୍ଯ୍ୟରତ ସ୍ୱୟଂ ସହାୟକ ଗୋଷ୍ଠୀ ବ୍ଲକରେ ଅବସ୍ଥିତ ବିଭିନ୍ନ ଜାତୀୟକରଣ ବ୍ୟାଙ୍କରୁ ଋଣ ନେଇ ସ୍ୱାବଲମ୍ବୀ ହୋଇପାରିଛନ୍ତି । ଯେଉଁ ସ୍ୱୟଂସହାୟକ ଗୋଷ୍ଠୀ ଋଣ ନେଇ ଠିକ୍ ରୂପେ ବ୍ୟାଙ୍କକୁ ପରିଶୋଧ କରୁଛନ୍ତି ସେହି ଗ୍ରୁପ୍‌କୁ ପୂର୍ବ ବିଜେଡି ସରକାର ଅମଳରେ ସୁଧ ଟଙ୍କା ଫେରସ୍ତ କରି ଆସୁଥିଲେ କିନ୍ତୁ, ବିଜେପି ସରକାର ବର୍ତ୍ତମାନ ସୁଦ୍ଧା ସୁଧ ଫେରସ୍ତ କରି ନ ଥିବାରୁ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି ଫଳରେ, ବ୍ୟାଙ୍କ ଗ୍ରୁପ୍‌ମାନଙ୍କୁ ଶୋଷଣ କରୁଥିବାବେଳେ ରାଜ୍ୟ ସରକାର ସୁଧ ଫେରସ୍ତ ପାଇଁ ହାତ ଟେକିଦେଇଛନ୍ତି ଫଳରେ, ବ୍ୟାଙ୍କ ଏବଂ ଗ୍ରୁପ୍ ମଧ୍ୟରେ ଶୀତଳଯୁଦ୍ଧ ଆରମ୍ଭ ହୋଇଛି ।

ବିଦ୍ୟୁତ୍ ସର୍ଟ ସର୍କିଟରୁ ଅଗ୍ନିକାଣ୍ଡ

ଭାପୁର,(ନିପ୍ର): ରବିବାର ବିଳମ୍ବିତ ରାତ୍ରୀରେ ବିଦ୍ୟୁତ୍ ସର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟି ଭାପୁର ବ୍ଲକ ରାକମା ପଞ୍ଚାୟତ ଆଡିପଡା ଗ୍ରାମ ୩ ଜଣଙ୍କର ୪ ବଖରା ଘରୁ ଲକ୍ଷାଧିକ ଟଙ୍କାର ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି ।

ଗୁଣ୍ଡୁଚି ସାହୁଙ୍କର ୨ ବଖରା, ଅଲେଖ ସାହୁଙ୍କର ୧ ବଖରା ଏବଂ ବଳରାମ ସାହୁଙ୍କର ୧ ବଖରା ଘରେ ଥିବା ଧାନ ଚାଉଳ ସହିତ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପୋଡ଼ିଯାଇ ୩ ଟି ପରିବାର ବେସାହାରା ହୋଇପଡିଛନ୍ତି ।ଖବରପାଇ, ଅଗ୍ନିଶମ ବାହନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ।

ଶ୍ରୀରାମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ଦୁଇ ପରୀକ୍ଷା ଆରମ୍ଭ

କାଶୀନଗର,(ନିପ୍ର): କାଶୀନଗର ଠାରେ ଥିବା ଶ୍ରୀରାମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଆଜିଠୁ ଆରମ୍ଭ ହେଉଛି ଯୁକ୍ତ ୨ ପରୀକ୍ଷା । ଉଚ୍ଚ ମାଧ୍ୟମିକ ପରିଷଦ ତରଫରୁ କପି ରୋକିବାକୁ ପଞ୍ଚସ୍ତରୀୟ ସ୍କାଡ୍ ଏବଂ ସବୁ ସେଣ୍ଟରରେ ସିସିଟିଭି ବ୍ୟବସ୍ଥା ରହିଛି । ସେଣ୍ଟରରେ ମଧ୍ୟ ସେହି ବ୍ୟବସ୍ଥା ରହିଛି । ପ୍ରଶ୍ନ ପତ୍ର ଲିକ୍ ବା ଗୁଜବ କଲେ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ମଧ୍ୟ ଦିଆଯାଇଛି । ପ୍ରଥମ ଦିନ ୭୧ ଜଣ ବିଜ୍ଞାନ ଛାତ୍ରଛାତ୍ରୀ ମାତୃଭାଷା ଓଡ଼ିଆ ବିଷୟରେ ପରୀକ୍ଷା ଦେଉଛନ୍ତି । ୧୯ ତାରିଖରେ ୨୫୮ କଳା ଛାତ୍ରଛାତ୍ରୀଙ୍କ ପରୀକ୍ଷା ଆରମ୍ଭ ହେବ । ମାର୍ଚ୍ଚ ୨୭ ଯାଏ ପରୀକ୍ଷା ଚାଲିବ । ପରୀକ୍ଷା ପରିସରରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ସ୍ଥାନୀୟ ପୋଲିସର ସହାୟତା ରହିଛି ବୋଲି ଅଧକ୍ଷ ନବକୃଷ୍ଣ ସାହୁକାର କହିଛନ୍ତି ।

ବାଇକରେ ଦେଶୀମଦ ଚୋରା ଚାଲାଣ ବେଳେ ୨ ଗିରଫ, ମଦ ଜବତ

ଖଣ୍ଡପଡା,(ନି.ପ୍ର): ଖଣ୍ଡପଡା ବ୍ଲକ ଅଧିନ ରାଣୀପଡା ଛକରେ ଅବକାରୀ କର୍ମଚାରୀମାନେ ମଙ୍ଗଳବାର ଅଚାନକ ଚଢାଉ କରି ୨ ମଦ ବେପାରୀଙ୍କୁ ଗିରଫ କରିବା ସହ ସେମାନଙ୍କ ଦ୍ୱାରା ବ୍ୟବହୃତ ଏକ ନାଲି ରଙ୍ଗର ବାଇକକୁ ଜବତ କରିଥିବା ଜଣାଯାଇଛି । ଉକ୍ତ ବାଇକ ଯୋଗେ ନିକଟସ୍ଥ କଇଁଥପଲ୍ଲୀ ଗ୍ରାମର କେଦାର ଭଂଜ ଓ ଆନନ୍ଦ ନିଶଙ୍କ ଦେଶୀ ମଦ ନେଇ ଯାଉଥିବା ବେଳେ ଅବକାରୀ କର୍ମଚାରୀଙ୍କ ଦ୍ୱାରା ଧରା ପଡ଼ିଥିବା ଜଣାପଡ଼ିଛି । ସେମାନଙ୍କ ଠାରୁ ୪୦ ଲିଟର ଦେଶୀମଦ ଜବତ ହୋଇଥିବା ଖଣ୍ଡପଡା ଅବକାରୀ ଥାନାଧିକାରୀ ଦୀପକ କୁମାର ଜେନାଙ୍କ ଠାରୁ ପ୍ରକାଶ । ଚଢାଉ ଅଭିଯାନରେ ପ୍ରତ୍ୟୁଷ ରଂଜନ ଦେହୁରୀ, ଲକ୍ଷ୍ମୀଧର ବେହେରା, ମିତାରାଣୀ ନାଏକ ପ୍ରମୁଖ ସାମିଲ ହୋଇଥିଲେ । ଏ ସଂପର୍କରେ ଏକ ମାମଲା ରୁଜୁ କରାଯାଇ ଉଭୟଙ୍କୁ ଅଦାଲତ ଚାଲାଣ କରାଯାଇଥିବା ଅବକାରୀ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ ।

ତୃଣମୂଳ ସ୍ତରରେ ଶିଶୁ ସୁରକ୍ଷାକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ 'ଆପଦା ମିତ୍ର' ମାନଙ୍କୁ ତାଲିମ

କଟକ,(ନିପ୍ର): ମଙ୍ଗଳବାର ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହଠାରେ ତୃଣମୂଳ ସ୍ତରରେ ଶିଶୁ ସୁରକ୍ଷାକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ 'ଆପଦା ମିତ୍ର' ମାନଙ୍କୁ ତାଲିମ ପ୍ରଦାନ କରାଯାଇଛି । ଏହି ତାଲିମ ଶିବିରରେ ଜିଲ୍ଲା ଜରୁରୀକାଳୀନ ବିଭାଗର ଡିପିଓ ବାପି ବିଶ୍ୱଜିତ ସାହୁ ଏବଂ ଜିଲ୍ଲା ଶିଶୁ ମଙ୍ଗଳ ସମିତିର ଅଧକ୍ଷ ପ୍ରମୋଦ କିଶୋର ଆଚାର୍ଯ୍ୟ ବିଷାରଦ ଭାବେ ଯୋଗ ଦେଇ ପିଲାମାନଙ୍କୁ ସୁରକ୍ଷା ଯୋଗାଇଦେବା, ଅସୁରକ୍ଷିତ ଅବସ୍ଥାରେ ଥିବା ଶିଶୁମାନଙ୍କୁ ଚିହ୍ନଟ, ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ କିପରି ନିଆଯାଇ ପାରିବ, ସେ ବିଷୟରେ ତାଲିମ ପ୍ରଦାନ କରାଯାଇଥିଲା । ଏଥିରେ ବିଭିନ୍ନ ବ୍ଲକରୁ ୪୦ଜଣ ଆପଦା ମିତ୍ର ଯୋଗ ଦେଇ ତାଲିମ ଗ୍ରହଣ କରିଥିଲେ । ତୃଣମୂଳ ସ୍ତରରେ ଥିବା ଶିଶୁମାନଙ୍କର ସୁରକ୍ଷା ଦିଗରେ କିପରି ଉ□ରଦାୟୀ ବ୍ୟବସ୍ଥା ସମୂହ କାର୍ଯ୍ୟଶୀଳ ରହିବେ ସେ ଦିଗରେ ତାଲିମ ପ୍ରଦାନ କରାଯାଇଥିଲା ।

ରାଜ୍ୟ ସ୍ତରୀୟ ଟେରାକୋଟା ପ୍ରଦର୍ଶନୀ-୨୦୨୫ ଉଦଘାଟିତ

କଟକ,(ନିପ୍ର): ରାଜ୍ୟ ସ୍ତରୀୟ ଟେରାକୋଟା ପ୍ରଦର୍ଶନୀ-୨୦୨୫ ମଙ୍ଗଳବାର ସ୍ଥାନୀୟ ଖ୍ରୀଷ୍ଟିୟାନ ସାହି ପଡ଼ିଆଠାରେ ଉଦଘାଟିତ ହୋଇଯାଇଛି । ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ପ୍ରଦର୍ଶନୀକୁ ଉଦଘାଟନ କରିଥିଲେ । ଟେରାକୋଟାରେ ଉପଲବ୍ଧ ସାମଗ୍ରୀ ସଂପର୍କରେ ଜନସାଧାରଣ ଅବଗତ ହୋଇପାରିଲେ ଏହା ପ୍ଲାଷ୍ଟିକର ବ୍ୟବହାର ହ୍ରାସ କରିବ ଓ ପରିବେଶ ଅନୁକୂଳ ହୋଇପାରିବ ବୋଲି ଶ୍ରୀ ସିନ୍ଦେ ମତବ୍ୟକ୍ତ କରିଥିଲେ । ୧୮ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରଦର୍ଶନୀ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ । ପ୍ରଦର୍ଶନୀରେ ମୋଟ ୭୫ଟି ଷ୍ଟଲ ଲାଗିଛି । ସମଗ୍ର ରାଜ୍ୟର ବିଭିନ୍ନ ସ୍ଥାନରୁ ଉତ୍ପାଦକ ଗୋଷ୍ଠୀ ଓ ବ୍ୟକ୍ତିବିଶେଷ ଏହି ପ୍ରଦର୍ଶନୀରେ ଭାଗ ନେଇଛନ୍ତି । ପ୍ରଦର୍ଶନୀରେ ଆକର୍ଷଣୀୟ ଟେରାକୋଟା ସାମଗ୍ରୀ ଗୁଡ଼ିକ ପ୍ରଦର୍ଶିତ ହେଉଛି । ଉଦଘାଟନୀ ଉତ୍ସବରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ହସ୍ତଶିଳ୍ପ ଉପନିର୍ଦ୍ଦେଶକ ଜ୍ୟୋତିରଂଜନ ଜେନା, ହସ୍ତଶିଳ୍ପ ବିକାଶ ଅଧିକାରୀ ସୁଶାନ୍ତ ସାମଲ ଏବଂ ତାପସ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲା ହସ୍ତଶିଳ୍ପ ଅଧିକାରୀ ମାନସ ରଂଜନ ସେଠୀ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ । ଏହି ପ୍ରଦର୍ଶନୀ ଟେରାକୋଟା କାରିଗରମାନଙ୍କୁ ବିଶେଷ ସହାୟତା ଯୋଗାଇବାରେ ସହାୟକ ହେବ । ପ୍ରଦର୍ଶନୀର ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

ବୟନଜ୍ୟୋତି ଯୋଗାଣ ଓ କର୍ମଶାଳା ନିର୍ମାଣ କାର୍ଯ୍ୟାଦେଶ ପ୍ରଦାନ

ହିଞ୍ଜିଳିକାଟୁ,(ନି.ପ୍ର): ରାଜ୍ୟରେ କାର୍ଯ୍ୟରତ ବୁଣାକାରଙ୍କୁ ସ୍ୱାବଲମ୍ବୀ ଓ ସେମାନଙ୍କ ଆର୍ଥିକ ମାନଦଣ୍ଡରେ ଅଭିବୃଦ୍ଧି ନିମନ୍ତେ ରାଜ୍ୟ ସରକାର ବହୁ କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ସେମାନଙ୍କ ଅଭାବ ଅସୁବିଧାକୁ ଦୃଷ୍ଟି ଦେଇ ବିଭିନ୍ନ ପ୍ରକାର ସହାୟତା ମଧ୍ୟ ଯୋଗାଇ ଦେଉଛନ୍ତି । ଏହି ପରିପ୍ରେକ୍ଷୀରେ ଶେରଗଡ଼ ବ୍ଲକ ପିତଳ ଗ୍ରାମରେ ଅବସ୍ଥାପିତ ପିତଳ ତନ୍ତୁବାୟ ସହଯୋଗ ସମିତି ଲିଃ ର ୨୮ଜଣ ବୁଣାକାରଙ୍କୁ ମୁଖ୍ୟମନ୍ତ୍ରୀ ବୟନ ଜ୍ୟୋତି ଯୋଜନାରେ ବୟନ ଜ୍ୟୋତି ଯୋଗାଣ ଓ ୪ ଜଣ ହିତାଧିକାରୀଙ୍କୁ କର୍ମଶାଳା ନିର୍ମାଣ ଯୋଜନାରେ ସାମିଲ କରାଯାଇଛି । ମଙ୍ଗଳବାର ସମିତିର ନୂତନ କୋଠା ପରିସରରେ ମୁଖ୍ୟମନ୍ତ୍ରୀ ବୟନ ଜ୍ୟୋତି ଯୋଜନାର ହିତାଧିକାରୀଙ୍କୁ ବୟନ ଜ୍ୟୋତି ଯୋଗାଣ ଓ କର୍ମଶାଳା ନିର୍ମାଣ କାର୍ଯ୍ୟାଦେଶ ପତ୍ର ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସମିତି ସଭାନେତ୍ରୀ କେ.ତେଜେଶ୍ୱରୀ ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ସ୍ଥିତ ବୟନ ଶିଳ୍ପ ବିଭାଗର ବୟନ ନୀରିକ୍ଷକ ପ୍ରତାପ କୁମାର ପଣ୍ଡିତ, ବୈଷୟିକ ସହାୟକ ଦିଲ୍ଲୀପ ପ୍ରସାଦ ଦାସ, ଯୁବ ସମାଜସେବୀ ପିଙ୍କୁ ପରିଡ଼ା, ଉପ ସଭାପତି ଟି.ଲିଙ୍ଗରାଜ, ନିର୍ଦ୍ଦେଶକ କେ.ଗଣେଶ, ଜି.ଲିଙ୍ଗରାଜ ଓ ଏ.ମାଲେଶୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥି ମାନେ ଉପସ୍ଥିତ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପତ୍ର ପ୍ରଦାନ କରିଥିଲେ । ବୁଣାକାମ ବେଳେ ବିଜୁଳି ବ୍ୟାହତ ଓ କର୍ମଶାଳା ଅଭାବରୁ ସୃଷ୍ଟି ହେଉଥିବା ଅଭାବ ଜନିତ ପରିସ୍ଥିତିରୁ ଉପକୃତ ହେବା ପାଇଁ ମୁଖ୍ୟମନ୍ତ୍ରୀ ବୟନ ଜ୍ୟୋତି ଯୋଜନାରେ ବୟନ ଜ୍ୟୋତି ଯୋଗାଣ ଓ କର୍ମଶାଳା ନିର୍ମାଣ ଆଦେଶନାମା ପତ୍ର ପାଇ ହିତାଧିକାରୀ ମାନେ ଅତ୍ୟନ୍ତ ଖୁସି ଅନୁଭବ କରିଥିଲେ ।

'ପରାଗ ସଫଳ ସାହିତ୍ୟ ସମ୍ମାନ' ପାଇଲେ ଭାଗୀରଥି ବେହେରା

ରମ୍ପା,(ନିପ୍ର): ଗଞ୍ଜାମର କବିତାଘର ଲିଟେରାରୀ ଟ୍ରଷ୍ଟ, ସଂପାଦକ, ଶିକ୍ଷା ପ୍ରଶାସକ ତଥା ସୁସାହିତ୍ୟିକ ଭାଗୀରଥି ବେହେରା ପରାଗ ସାହିତ୍ୟ ସଂସଦ, ଆଳି,କେନ୍ଦ୍ରାପଡା ୪୩ ତମ ବାର୍ଷିକ ଉତ୍ସବ, ସମ୍ବର୍ଦ୍ଧନା ସଭା ଓ କବିତା ପାଠରେ ବିଶିଷ୍ଟ ସାହିତ୍ୟିକ ଗଣ ଯଥା: ନିରାକାର ଦାସ, ସୌରିନ୍ଧ୍ରୀ ସାହୁ, ଶ୍ରୀହରି ଧଳ, ସୁଶାନ୍ତ ନାୟକ, ପ୍ରେମାନନ୍ଦ ଖଣ୍ଡୁଆଳ ,ଖଗେଶ୍ୱର ମହତାବ, କାଳୀପଦ ପଣ୍ଡାଙ୍କ ଦ୍ୱାରା ' ପରାଗ ସଫଳ ସାହିତ୍ୟିକ ସମ୍ମାନରେ ସମ୍ମାନିତ ହୋଇଛନ୍ତି ।

ଅନୁଷ୍ଠାନର ସମ୍ପାଦକ ବନମାଳୀ ସେନାପତିଙ୍କ ଅନୁସାରେ ସ୍କୁଲ ପିଲାଙ୍କ ମଧ୍ୟରେ ଓଡ଼ିଆ ଭାଷା ଓ ସାହିତ୍ୟର ଦକ୍ଷତା ବୃଦ୍ଧି ନିମନ୍ତେ ଜାତୀୟ ସ୍ତରରେ ସମ୍ମାନିତ ଶିକ୍ଷା ଅଧିକାରୀ ଭାଗୀରଥି ବେହେରା ୮ ଖଣ୍ଡ ଗଳ୍ପ ପୁସ୍ତକ , ୪ଖଣ୍ଡ କବିତା ସଂକଳନ ଓ ୪ଖଣ୍ଡ ଉପନ୍ୟାସର ସଫଳ ରଚୟିତା । ଗଞ୍ଜାମର କବିତାଘର ମାଧ୍ୟମରେ ଦୀର୍ଘ ଦଶନ୍ଧି ଧରି ସାହିତ୍ୟ ସଭା, ସମ୍ବର୍ଦ୍ଧନା ଉତ୍ସବ, ପୁସ୍ତକ ପ୍ରକାଶନ, ପତ୍ରିକା ନ୍ତଭାଗୀରଥୀ କବିତାର ଗଙ୍ଗା' ଓ ସଙ୍କଳିତ ସଂକଳନ 'ଗଳ୍ପ ଗଞ୍ଜାମ' ସମ୍ପାଦନା କରି ଭାଷା, ସାହିତ୍ୟର ପ୍ରଚାର ପ୍ରସାର ଓ ଶିକ୍ଷାରେ ସାହିତ୍ୟ ଶିକ୍ଷାଦାନ କରୁଥିବାରୁ ଏହି ସମ୍ମାନ ତାଙ୍କୁ ଦିଆଗଲା । କେନ୍ଦ୍ରପଡ଼ାର ନ୍ତପଲକ' ସମ୍ପାଦକ ଶଶିକାନ୍ତ ଦାସ, ନ୍ତରାଜଭୂମି ' ସମ୍ପାଦକ ପବିତ୍ର ବ୍ରହ୍ମପୁତ୍ର ନାୟକ, କବି ଜୟନ୍ତୀ ବେହେରା, ଧର୍ମାନନ୍ଦ ମହାରଣା , ପୁଷ୍ପାଞ୍ଜଳି ପଣ୍ଡା ସହ ଅନେକ ଆଞ୍ଚଳିକ ସାହିତ୍ୟିକ ଶୁଭେଚ୍ଛା ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।

ବ୍ଲକସ୍ତରୀୟ ଜନଶୁଣାଣି ଶିବିର

ଖଣ୍ଡପଡା,(ନି.ପ୍ର): ଖଣ୍ଡପଡା ବ୍ଲକ ସମ୍ମିଳନୀ କକ୍ଷରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ସଂପର୍କୀତ ଜନଶୁଣାଣି ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପ୍ରଶାସନର ବରିଷ୍ଠ ପ୍ରଶାସନିକ ଅଧିକାରୀ, ଆଲବର୍ଟ ଲାକ୍ରା ଜିଲ୍ଲା ସାମାଜିକ ସମୀକ୍ଷକ ବିଜୟ କୁମାର ବଳିୟାରସିଂ, ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ ଝାଡେଶ୍ୱର ଦାସ, ଖଣ୍ଡପଡା ବ୍ଲକ ମନରେଗା ସହକାରୀ ପ୍ରକଳ୍ପ ଅଧିକାରିଣୀ ଜୟନ୍ତୀ ମିଶ୍ର, ବ୍ଲକ ସାମାଜିକ ସମୀକ୍ଷକ ଅମନଜିତ ସାହୁ, ବରିଷ୍ଠ ଜିଲ୍ଲା ପରିଷଦ ସଦସ୍ୟ ରାମେଶ୍ୱର ଶତପଥି, ଉଜଳ ମହାରଣା, ବ୍ଲକ ଗ୍ରାମ ପଂଚାୟତ ସଂପ୍ରସାରଣ ଅଧିକାରୀ ଅନିତ ବଡସେଟ୍ଟଙ୍କ ସମେତ ବିଭିନ୍ନ ବିଭାଗର ପ୍ରଶାସନିକ ଅଧିକାରୀ ଓ ବ୍ଲକ୍‌ରେ କାର୍ଯ୍ୟରତ ବରିଷ୍ଠ, କନିଷ୍ଠ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ ।

ଅଲିମ୍ପିକ୍ ସଂକ୍ରାନ୍ତୀୟ ପ୍ରତିଯୋଗିତା ମୂଲ୍ୟବୋଧ ଅଲମ୍ପିକ୍ ଶିକ୍ଷା କାର୍ଯ୍ୟକ୍ରମର ବାର୍ଷିକ ଉତ୍ସବ

ନିମାପଡ଼ା,(ନି.ପ୍ର.): ଅଲମ୍ପିକ୍ କ୍ରୀଡ଼ାକୁ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନିକଟତର କରିବା ସହିତ ସେ ବାବଦରେ ଅଧିକ ଜ୍ଞାନ ଆହରଣ ନିମନ୍ତେ ଏହି ବ୍ଲକ୍ ଅଧୀନସ୍ଥ ୧୪ଟି ଉଚ୍ଚ ବିଦ୍ୟାଳୟରେ ଅଲମ୍ପିକ ମୂଲ୍ୟବୋଧ ଶିକ୍ଷା କାର୍ଯ୍ୟକ୍ରମର ବାର୍ଷିକ ଉତ୍ସବ ସୋମବାର ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ନନ୍ଦିତା ସାହୁଙ୍କ ପୌରାହିତ୍ୟରେ ଆୟୋଜିତ ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ସମିମା ବେଗମ, ସଭାପତି ସରିତା ମହାପାତ୍ର, ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ଲକ୍ଷ୍ମୀଧର ସେଠୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଅଲମ୍ପିକ କ୍ରୀଡ଼ା ସଂପର୍କରେ ଆଲୋକପାତ କରିବା ସାଂଗକୁ ଛାତ୍ରଛାତ୍ରୀମାନେ ଅଲମ୍ପିକ୍ ଖେଳରେ ଅଂଶଗ୍ରହଣ କରିଥିବା କ୍ରୀଡ଼ାବିତ୍ ସଂପର୍କରେ ଜ୍ଞାନ ଆହରଣ ପାଇଁ ପରାମର୍ଶ ଦେଇଥିଲେ । ପରସ୍ପର ମଧ୍ୟରେ ବନ୍ଧୁତ୍ୱ, ସମ୍ମାନ, ଉତ୍କର୍ଷତା ରକ୍ଷା କରି ଆଗେଇବା ପାଇଁ ମୂଲ୍ୟବୋଧ ଶିକ୍ଷାର ଲକ୍ଷ୍ୟ ବୋଲି କାର୍ଯ୍ୟକ୍ରମ ଦାୟିତ୍ୱରେ ଥିବା ଶିକ୍ଷକ ରଂଜିତ କେଶରୀ ନାୟକ ସୂଚନା ଦେଇ ଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାମାନ ଆୟୋଜନ କରାଇଥିଲେ । ୬୦ ମିଟର, ୧୦୦ ମିଟର, ହାଇଜମ୍ପ, ନାଟକ, ଚିତ୍ରାଙ୍କନ ପ୍ରତିଯୋଗୀତାରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରି ୨୧ ଜଣ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଶାରୀରିକ

ତିଥି : (ଷଷ୍ଠୀ(ମଳ) : (ସ୍ୱାତୀ ତୁଳା)
ଅମୃତବେଳା: ଦିଘ ୮।୩୧ ମଧ୍ୟେ ଦିଘ ୧୦।୦୪ ଗତେ

ଆଜିର ଅନୁଚିନ୍ତନ

ସୂର୍ଯ୍ୟ ଯଥା ପ୍ରକାଶିତ ସମଗ୍ର ଜଗତ
ଆତ୍ମା ମଧ୍ୟ ସର୍ବଦେହ ମଧ୍ୟେ ବିରାଜିତ।।
- ଶ୍ରୀମଦ୍ ଭଗବଦ୍ ଗୀତା

ସମନ୍ୱିତ ଦିଗ ହିଁ ସୁରକ୍ଷା

ରାଜଧାନୀ ଭୁବନେଶ୍ୱର ପାଟ୍ରପଡ଼ା ନିକଟରେ ଏକ ମୋ ବସ୍ ସ୍କୁଟି ଉପରେ ମାଡିଯିବା ଦୁର୍ଘଟଣାର ଏକ ଭିଡିଓ ଫୁଟେଜ୍‌ରେ ଦୃଶ୍ୟମାନ ହୋଇଛି ଯେ ମୋ ବସ୍‌ଟି ଦ୍ରୁତ ଗତିରେ ଆସି ସ୍କୁଟିକୁ ଧକ୍କା ଦେଉଛି ଓ ଏହା ପରେ ଘୋଷାଡ଼ି ନେଉଛି । ଘୋଷାଡ଼ି ନେବା ବେଳେ ବସ୍‌ର ବେଗ ମଧ୍ୟ ବଢ଼ିଛି । ଯାହା ମନେ କରାଯାଉଛି ଏହି ବେଗ ହେତୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି ଏବଂ ଅନ୍ୟ ତିନି ଜଣ ଗୁରୁତର ଆହତ ହୋଇଛନ୍ତି । ଫେବୃଆରୀ ୧୪ ରାତିରେ, ଏକ ମୋ ବସ୍ ଧକ୍କା ଦେବାରୁ ଚମାଣ୍ଡୋରେ ଜଣେ ମହିଳା ପ୍ରାଣ ହରାଇଥିଲେ । ଏହିସବୁ ଦୁର୍ଘଟଣା ଭୁବନେଶ୍ୱରର ବାସିନ୍ଦାଙ୍କ ମଧ୍ୟରେ ଭୟ ଓ ଆଶଙ୍କା ବଢ଼ାଇବା ସ୍ୱାଭାବିକ । ଏହି ଦୁର୍ଘଟଣା ପୂର୍ବରୁ ଫେବୃଆରୀ ୪ ରେ ରାଜଧାନୀ ସହରର ରଘୁନାଥପୁର ଛକରେ ସମାନ ଘଟଣା ଘଟିଥିଲା । ଯେଉଁଠାରେ ଏକ ମୋ ବସ୍ ସହିତ ଅନ୍ୟ ଏକ ଦୁର୍ଘଟଣାରେ ଜଣେ ଯୁବତୀ ଗୁରୁତର ଆହତ ହୋଇଥିଲେ ।

ମୋ ବସ୍ ସେବା ବିଶ୍ୱସନୀୟ ହେବା ଆବଶ୍ୟକ । ମାତ୍ର ଏହା ପରିବର୍ତ୍ତେ ଦୁର୍ଘଟଣାର ପୁନରାବୃତ୍ତି ଏହି ସାର୍ବଜନୀନ ପରିବହନ ଯାନ ପାଇଁ ଥିବା ସୁରକ୍ଷା ବ୍ୟବସ୍ଥା ଉପରେ ଗମ୍ଭୀର ଚିନ୍ତା ସୃଷ୍ଟି କରିବା ସ୍ୱାଭାବିକ । ଏଭଳି ଦୁଃଖଦ ଘଟଣା ରୋକିବା ପାଇଁ ଏହି ବସ୍‌ଗୁଡ଼ିକର ପରିଚାଳନାକୁ ମାର୍ଗଦର୍ଶନ କରୁଥିବା ପ୍ରୋଟୋକଲ୍ ଉପରେ ବାସିନ୍ଦା ଏବଂ କର୍ତ୍ତୃପକ୍ଷ ପ୍ରଶ୍ନ ଉଠାଇଛନ୍ତି । ରାଜ୍ୟରେ ପରିବହନର ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ଭାବରେ ଉଦ୍ଦିଷ୍ଟ ଏହି ବସ୍ ସେବା ଅନେକ ଦୁର୍ଘଟଣା ପରେ କଠୋର ଯାଞ୍ଚର ପରିସରକୁ ଆସିଛି । ଦୁର୍ଘଟଣା ହ୍ରାସ କରିବା ପାଇଁ ବ୍ୟାପକ ଡ୍ରାଇଭର ତାଲିମ ପଦକ୍ଷେପ ନିଆଯାଉଛି । ଏହା ସତ୍ତ୍ୱେ, ଏହି ଘଟଣାଗୁଡ଼ିକ ଜାରି ରହିଛି, ଯାହାକି ସହରବାସୀଙ୍କୁ ସତର୍କ କରାଇ ଦେଉଛି । କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ଆହ୍ୱାନ ସୃଷ୍ଟି କରୁଛି । ଗତ ତିନି ମାସ ମଧ୍ୟରେ ମୋ ବସ୍ ଜନିତ ଦୁର୍ଘଟଣା ପ୍ରାୟ ୭୦ ଛୁଇଁଛି । ଦୁର୍ଘଟଣା ଲଗାତର ଘଟିବା ଫଳରେ ଏହା ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ଏବଂ ନ୍ୟାୟାଳୟଙ୍କ ପକ୍ଷରୁ କର୍ତ୍ତୃପକ୍ଷଙ୍କ ଅବହେଳା ନେଇ ପ୍ରଶ୍ନବାଚୀ ଉଠାଯାଇଥିଲା । ଆବଶ୍ୟକ ନିରାପତ୍ତା ପଦକ୍ଷେପର ଅଭାବ ଘଟୁଥିବା ନେଇ ନିରାପତ୍ତା ବିଶେଷଜ୍ଞ ମହଲ ଓ ଯାତ୍ରୀମହଲରୁ ଉଦ୍‌ବେଗ ପ୍ରକାଶ ପାଇଥିଲା । ଜଣେ ସଡ଼କ ସୁରକ୍ଷା ବିଶେଷଜ୍ଞ ମତ ବ୍ୟକ୍ତ କରିଛନ୍ତି ଯେ ମୋ ବସ୍‌ର ଡ୍ରାଇଭରମାନଙ୍କ ଠାରେ ଉପଯୁକ୍ତ ତାଲିମ ଅଭାବ କେବଳ ନାହିଁ ଅଧିକନ୍ତୁ ବେଗ ପରିଚାଳନା ନେଇ ଉପଯୁକ୍ତ ନିରୀକ୍ଷଣ ବା ତତ୍ତ୍ୱାବଧାନ ହେଉନାହିଁ । ଅନ୍ୟ ଜଣେ ବିଶେଷଜ୍ଞ ମତ ରଖନ୍ତି ଦୁର୍ଘଟଣା ଆପଣାଛାଏଁ ଘଟିଯାଏ ନାହିଁ । ଏକାଧିକ ଦିଗ ଏହା ପଛରେ ରହିଛି । ଅନୁକୂଳ ସଡ଼କ ନଥିଲେ, ଟ୍ରାଫିକ ସୁରକ୍ଷା ଅନ୍ୟମାନେ ମାନୁ ନଥିଲେ, ବେପରୁଆ ଭାବେ ଅନ୍ୟମାନେ ଗାଡ଼ି ଚାଳନା କରୁଥିଲେ ବିପଦ ବରାବର ରହେ ।ଏପରି ନାନା କାରଣ ରହିବା କାରଣରୁ ସଡକ ସୁରକ୍ଷା ନେଇ ଏକ ନିର୍ଦ୍ଦେଶାତ୍ମକ ଆମ ରାଜ୍ୟରେ ଆବଶ୍ୟକ । ଯେଉଁଥିରେ ବିଭିନ୍ନ ବିଭାଗ ସମନ୍ୱିତ ଭାବରେ କାର୍ଯ୍ୟ କରି ନିଷ୍କର୍ଷରେ ପହଞ୍ଚି ସୁପାରିସ କରିବ । ତେଣୁ ଏସବୁ ଦିଗଗୁଡ଼ିର ଅନୁଶୀଳନ ହେବା ବାଞ୍ଛନୀୟ । ଏକ ରିପୋର୍ଟ ଅନୁଯାୟୀ ଆମ ରାଜ୍ୟରେ ସଡ଼କ ଦୁର୍ଘଟଣାରେ ଗତ ୨୦୨୪ ମସିହା କେବଳ ଜାନୁଆରୀରେ ଦୁର୍ଘଟଣା ସଂଖ୍ୟା ୧୦୯୩ ଥିଲା ଓ ୫୬୧ ଜଣଙ୍କ ମୃତ୍ୟୁ ଘଟିଥିଲା । ମାତ୍ର ୨୦୨୫ ଜାନୁଆରୀରେ ଦୁର୍ଘଟଣା ୯୯୪କୁ ଖସିଆସିଥିବା ବେଳେ ୪୧୭ ଜଣଙ୍କ ପ୍ରାଣହାନି ଘଟିଥିଲା । 'ଘରକୁ ନିରାପଦରେ ଫେରନ୍ତୁ' ବୋଲି ମୁଖ୍ୟମନ୍ତ୍ରୀ ଏକ ବାର୍ତ୍ତାରେ କହିଛନ୍ତି । ଏହା ତାତ୍ପର୍ଯ୍ୟପୂର୍ଣ୍ଣ । ମାତ୍ର ପ୍ରତି ଜାନୁଆରୀ ଜାତୀୟ ସଡ଼କ ନିରାପତ୍ତା ମାସ ରୂପେ ପାଳନ କରାଯାଏ ବୋଲି ସଡ଼କ ଦୁର୍ଘଟଣା କମୁଛି ଏପରି ମନେ କରିହେବ ନାହିଁ, ଅନ୍ୟ ମାସଗୁଡ଼ିକରେ ଏହାର ବୃଦ୍ଧି ଦେଖାଯାଉଥିବା ଦୃଷ୍ଟିରୁ ବର୍ଷସାରା ସଡ଼କ ନିରାପତ୍ତାକୁ ପ୍ରାଧାନ୍ୟ ଦେବାକୁ ହେବ । ସଡକ ସୁରକ୍ଷା ନିୟମକୁ କଡାକଡ଼ି ପାଳନ, ଠିକ ସଡ଼କ, ଟ୍ରାଫିକ ଲାଇଟ ବ୍ୟବସ୍ଥା,ରାସ୍ତାରେ ଚଳାଚଳ କରୁଥିବା ଯାନଠାରୁ ଆରମ୍ଭ କରି ପାଦରେ ଚାଲି ଚାଲି ଯାଉଥିବା ପଥଚାରୀଙ୍କ ପର୍ଯ୍ୟନ୍ତ ସଡ଼କ ସୁରକ୍ଷା ନିୟମଗୁଡ଼ିକୁ ମାନିବା ଦରକାର, ବେପରୁଆ ଚାଳକମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ, ବସ୍ ଚାଳକ ଯଦି ଅଧିକ କ୍ଳାନ୍ତି ବା ଅଶ୍ୱସ୍ତି ଅନୁଭବ କରୁଛନ୍ତି ସେପରି ସ୍ଥଳେ ତାଙ୍କୁ ବିଶ୍ରାମ ଦେଇ ଅନ୍ୟ ଚାଳକଙ୍କୁ ନିୟୋଜିତ କରିବା, କେବେ ହେଲେ ମାନସିକ ଦୃଷ୍ଟିରୁ ବିଚଳିତ ଥିଲେ ତାଙ୍କୁ ଗାଡ଼ି ଚଳାଇବାକୁ ନ ଦେବା,ପ୍ରତ୍ୟହ ଯୋଗ ଓ ପ୍ରାଣାୟମ ମାଧ୍ୟମରେ ମନକୁ ଶାନ୍ତ ରଖିବା ଏପରି ବହୁବିଧ ଦିଗ ପ୍ରତି ଦୃଷ୍ଟି ଦେବାକୁ ହିଁ ହେବ । ସମନ୍ୱିତ ଦିଗ ହିଁ ସୁରକ୍ଷା ଦେଇପାରିବ ।

ଟ୍ରେଡ୍‌ୱାର୍‌ର ଲମ୍ବା ଇତିହାସ

ଗୋପାଳ ମହାପାତ୍ର

୧୯ଶ ଶତାବ୍ଦୀର ଅଫିସ ଯୁଦ୍ଧ ଏସବୁ କଥାର ଏକ ଉଦାହରଣ ବୋଲି କୁହାଯାଇପାରେ । ଏହି ବ୍ୟାପାର ଯୁଦ୍ଧ ସୈନ୍ୟ ସଂଘର୍ଷରେ ପରିଣତ ହୋଇଥିଲା । ସେ ସମୟରେ ଚୀନର ବ୍ୟାପାର ନୀତି ଚା ଏବଂ ରେଶମ ରପ୍ତାନିକୁ ଗୁରୁତ୍ୱ ଦେଉଥିଲା ଯଦିଓ ଆମଦାନୀ ସୀମିତ ଥିଲା । ଏହି ଅସନ୍ତୁଳନକୁ ଦୂର କରିବା ପାଇଁ ଇଷ୍ଟ ଇଣ୍ଡିଆ କମ୍ପାନୀ ଅଫିମ ଗୋଚାଲାଣ ଆରମ୍ଭ କରିଥିଲେ । ଭାରତରୁ ଚୀନକୁ ଅଫିମ ଚାଲାଣ କରାଗଲା । ଏହା ବ୍ୟାପକ ଆର୍ଥିକ ଅବ୍ୟବସ୍ଥା ସୃଷ୍ଟି କରିଥିଲା । ଚୀନର କିଙ୍ଗ ରାଜବଂଶ ଏହି ଅଫିମ ବ୍ୟାପାର ଉପରେ ଅଙ୍କୁଶ ଲଗାଇବା ପାଇଁ ଉଦ୍ୟମ କରିଥିଲେ କିନ୍ତୁ ପ୍ରତିଜବାବରେ ବ୍ରିଟେନ ସେନା କାର୍ଯ୍ୟନୁଷ୍ଠାନ ଆରମ୍ଭ କରିଥିଲା । ଚୀନ ରାଜବଂଶ ବିରୁଦ୍ଧରେ ୧୮୩୯ ରୁ ୧୮୪୨ ଓ ୧୮୫୬ ରୁ ୧୮୬୦ ପର୍ଯ୍ୟନ୍ତ ଅଫିମ ଯୁଦ୍ଧ ଚାଲିଥିଲା । ଏହି ସଂଘର୍ଷ ପରେ ଚୀନ ବ୍ରିଟିଶ ବ୍ୟବସାୟୀଙ୍କୁ ଚୀନରେ ବାଣିଜ୍ୟ ବ୍ୟବସାୟ କରିବା ପାଇଁ ଅନୁମତି ଦେବା ସହ ହଙ୍ଗକଙ୍ଗକୁ ବ୍ରିଟିଶ ଶାସକଙ୍କୁ ସମର୍ପଣ କରି ନିଜର ଅର୍ଥବ୍ୟବସ୍ଥା ଉପରେ ବିଦେଶୀ ପ୍ରଭାବକୁ ସ୍ୱୀକାର କରିବା ପାଇଁ ବାଧ୍ୟ ହୋଇଥିଲେ ।

୧୯ଶ ଶତାବ୍ଦୀ ଶେଷ ଏବଂ ବିଂଶ ଶତାବ୍ଦୀ ପ୍ରାରମ୍ଭ ପର୍ଯ୍ୟନ୍ତ ବ୍ୟବସାୟିକ ସଂଘର୍ଷ ଉପନିବେଶିକ ପ୍ରତିଦ୍ୱନ୍ଦ୍ୱିତାରୁ ହଟିଯାଇ ଆର୍ଥିକ ବର୍ଚ୍ଚସ୍ୱ ପାଇଁ ଔଦ୍ୟୋଗିକ ଶକ୍ତିରେ ପରିବର୍ତ୍ତିତ ହୋଇଯାଇଥିଲା । ଗିଲଡ଼େଡ଼ଏଜ (୧୮୭୦-୧୯୦୦)ରେ ସଂଯୁକ୍ତ ରାଜ୍ୟ ଆମେରିକା ତାର ଘରୋଇ ଉଦ୍ୟୋଗକୁ ୟୁରୋପୀୟ ଉଦ୍ୟୋଗଙ୍କ ଠାରୁ ବଞ୍ଚାଇବା ପାଇଁ ସଂରକ୍ଷଣବାଦୀ ନୀତିକୁ ଆପଣେଇ ନେଲା । ଆମେରିକାର ଏହି ନୀତି କାରଣରୁ ଜନ ଡି ରକଫେଲର ଏବଂ ଆଣ୍ଡ୍ରୁକାର୍ନେଗିଙ୍କ ଭଳି ଉଦ୍ୟୋଗପତିଙ୍କୁ ଏହାର ଲାଭ ମିଳିଥିଲା । ଆମେରିକାର ନୀତିକୁ ବିରୋଧ କରି ୟୁରୋପୀୟ ଦେଶମାନେ ପଦକ୍ଷେପ ସ୍ୱରପ ଯେଉଁ ଟାରିଫ ନିର୍ଦ୍ଧାରଣ କଲେ ତାହା ଅନ୍ତର୍ଜାତୀୟ ବ୍ୟାପାରକୁ ଧିମା କରିଦେଇଥିଲା ଓ ଆର୍ଥିକ ଅସ୍ଥିରତା ବୃଦ୍ଧି ପାଇଥିଲା । ପରିଣାମ ସ୍ୱରୂପ ଆର୍ଥିକ ମାନ୍ଦାବସ୍ଥା ଦେଖା ଦେଇଥିଲା ଓ ସଂରକ୍ଷଣବାଦ ଭଳି ବ୍ୟବସ୍ଥାର ସୃଷ୍ଟି ହୋଇଥିଲା ଏବଂ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ମିଳିତ ସହଯୋଗମୂଳକ ବିଶ୍ୱସ୍ତରୀୟ ବ୍ୟାପାର ଢାଞ୍ଚାର ମାର୍ଗ ପ୍ରଶସ୍ତ ହୋଇଥିଲା ।

ଏକବିଂଶ ଶତାବ୍ଦୀରେ ବ୍ୟାପାର ଯୁଦ୍ଧ ଆର୍ଥିକ କୂଟନୀତିର ଏକ ପ୍ରକ୍ରିୟା ଭାବେ ଉଭା ହୋଇଛି । ଆମେରିକା- ଚୀନ ବ୍ୟାପାର ସଂଘର୍ଷ ଏହାର ଉଦାହରଣ । ୨୦୧୮ ମସିହାରେ ଟ୍ରମ୍ପ ପ୍ରଶାସନ ଏହି ଯୁଦ୍ଧ ଆରମ୍ଭ କରିଥିଲା । ଏବେ ବ୍ୟବସାୟିକ ଅସନ୍ତୁଳନ, ବୌଦ୍ଧିକ ସମ୍ପଦର ଚୋରି ଏବଂ ରାଷ୍ଟ୍ରୀୟ ସୁରକ୍ଷା ଚିନ୍ତାର କଥା କହି ଆମେରିକା ଚୀନରୁ ଆମଦାନୀ ହେଉଥିବା ବସ୍ତୁ ଉପରେ ଟାରିଫ ଲଗାଇଛି । ଚୀନ ମଧ୍ୟ ପ୍ରତି ଜବାବରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଟ୍ରମ୍ପ ଦ୍ୱିତୀୟ ଥର ଆମେରିକାର ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ପରେ ଏହି ବ୍ୟାପାର ଯୁଦ୍ଧର ନୂଆ ପର୍ଯ୍ୟାୟ ଆରମ୍ଭ ହୋଇଛି ଯାହାକୁ ଟ୍ରେଡ୍‌ୱାର-୨ କୁହାଯାଉଛି । ଏହା ଏବେ ବୈଶ୍ୱିକ ବ୍ୟାପାର ଗତିଶୀଳତାକୁ ନୂଆ ରୂପ ଦେଇଛି ଯେଉଁଥିପାଇଁ ଭାରତ ପାଇଁ ଅବସର ଏବଂ ଚାଲେଞ୍ଜ ଉଭୟ ଦେଖାଦେଇଛି । ଭାରତ-ଆମେରିକା ମତ ୨୦୨୪-୨୫ ଆର୍ଥିକ ବର୍ଷର ଅଧିକ ବ୍ୟବସାୟ ବଢିଛି । ପରିବର୍ତ୍ତିତ ବ୍ୟାପାର ପରିଦୃଶ୍ୟରେ ଭାରତ ନିଜକୁ ଅଧିକ ସକ୍ଷମ କରିବା ସହ ସଂରଚନାତ୍ମକ ସୁଧାରକୁ ଲାଗୁ କରିବା ଆବଶ୍ୟକ । (ଶେଷ ଭାଗ)

ମୋ: ୯୪୩୮୪୮୫୦୯୪

ମୋଦିଙ୍କ ଫ୍ରାନ୍ସ ଗସ୍ତ

ସୌମେନ୍ଦ୍ର ଜେନା

ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା କ୍ଷେତ୍ରରେ ମିଳିତ ସହଯୋଗ, ଉତ୍ପାଦନ, ଗବେଷଣା, ନବସର୍ଜନ ପାଇଁ ୫-୬ ଡିସେମ୍ବର ୨୦୨୪ରେ ପ୍ୟାରିସଠାରେ ଫ୍ରାନ୍ସ ଇଣ୍ଡିଆ ଡିଫେନ୍ସ ଷ୍ଟାର୍ଟଅପ୍ ଏକ୍ସିଲେନ୍ସ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ହୋରାଇଜନ୍ ୨୦୪୭ ଏବଂ ଭାରତ-ଫ୍ରାନ୍ସ ପ୍ରତିରକ୍ଷା ଶିଳ୍ପ ରୋଡମ୍ୟାପ ଅନୁଯାୟୀ ଦୁଇଦେଶର ଅନୁଷ୍ଠାନ ମଧ୍ୟରେ ସହଯୋଗ ବୃଦ୍ଧି ପାଇଁ ପ୍ରୟାସ ଜାରି ରହିଛି । ପ୍ରତିରକ୍ଷା କ୍ଷେତ୍ରରେ କାର୍ଯ୍ୟରତ ଶିଳ୍ପ, ଗବେଷକ, ନିବେଶକ, ନବସର୍ଜନକାରୀଙ୍କ ସମେତ ସମସ୍ତଙ୍କୁ ଏକାଠି କରିବାର ପ୍ରୟାସ ଚାଲୁରହିଛି । ପ୍ରତିରକ୍ଷା କ୍ଷେତ୍ରରେ ଗବେଷଣା, ବିକାଶ, ସହଯୋଗ ପାଇଁ ଦୁଇଦେଶର ନେତାଙ୍କ ମଧ୍ୟରେ ଆଲୋଚନା ହୋଇଥିଲା ।

ଫେବୃଆରୀ ମାସ ଦ୍ୱିତୀୟ ସପ୍ତାହରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଫ୍ରାନ୍ସ ଗସ୍ତ ଅତି ଗୁରୁତ୍ୱପୂର୍ଣ୍ଣ ରହିଥିଲା । ଫ୍ରାନ୍ସରେ କୃତ୍ରିମ ବୁଦ୍ଧିମତ୍ତା ଆନ୍ତର୍ଜାତିକ ଶିଖର ବୈଠକ ଥିଲା । ଉଭୟ ୟୁରୋପ ଏବଂ ଆମେରିକା ମଧ୍ୟରେ ଭାରତର ବାଣିଜ୍ୟିକ ଏବଂ ପ୍ରତିରକ୍ଷା ସ୍ୱାର୍ଥ ପାଇଁ ଏକ ସନ୍ତୁଳନାତ୍ମକ ସ୍ଥିତି ସୃଷ୍ଟି କରାଯିବା ଦରକାର ହେଉଥିବା ସମୟରେ ଉଭୟ ଦୁଇଟି ମହାଦେଶକୁ ଗସ୍ତରେ ଯାଇ ଭାରତ ପାଇଁ ଏକ ସନ୍ତୁଳିତ ପରିସ୍ଥିତି ନିର୍ମାଣ କରିବା, ଦ୍ୱିପାକ୍ଷିକ ବାଣିଜ୍ୟକୁ ଶକ୍ତିଶାଳୀ କରିବା, ଭାରତର ସ୍ଥିତିକୁ ମଜଭୁତ କରିବା ଲାଗି ମୋଦିଙ୍କ ଗସ୍ତ ଉଦ୍ଦିଷ୍ଟ ଥିଲା ।

ପ୍ରଧାନମନ୍ତ୍ରୀ ମୋଦି ଗସ୍ତର ପ୍ରଥମ ଚରଣରେ ଫ୍ରାନ୍ସରେ ପହଞ୍ଚିଥିଲେ । ଫ୍ରାନ୍ସର ପ୍ୟାରିସଠାରେ ଅନୁଷ୍ଠିତ କୃତ୍ରିମ ବୁଦ୍ଧିମତ୍ତା ବିଷୟକ ଶିଖର ବୈଠକରେ ସେ ଯୋଗଦେବା ସହ ଦ୍ୱିପାକ୍ଷିକ ଆଲୋଚନାରେ ମଧ୍ୟ ଅଂଶଗ୍ରହଣ କରିଥିଲେ । ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ ଭାରତର ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ । ଦୁଇଦେଶ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ଗବେଷଣା, ପ୍ରୟୋଗ, ଦାୟିତ୍ୱବାନ ତଥା ନ୍ୟାୟସଂଗତ ବ୍ୟବହାର ପାଇଁ ପରସ୍ପରକୁ ସହଯୋଗ କରିବାକୁ ରାଜି ହୋଇଛନ୍ତି । ଦୁଇଦେଶ ସର୍ଜନର ବର୍ଷ ୨୦୨୬ ଲୋଗୋକୁ ଉନ୍ମୋଚନ କରିଛନ୍ତି । ବିଜ୍ଞାନ ଓ ଗବେଷଣା କ୍ଷେତ୍ରରେ ସହଯୋଗ ସହ ନବସର୍ଜନକୁ ସ୍ୱୀକୃତି ଦେବା ପାଇଁ ଦୁଇରାଷ୍ଟ୍ର ପ୍ରତିଶ୍ରୁତିବଦ୍ଧ ବୋଲି ଘୋଷଣା କରିଥିଲେ । ଡିଜିଟାଲ ବିଜ୍ଞାନ, ଗବେଷଣା ଓ ବିକାଶ ନିମନ୍ତେ ଭାରତର ବିଜ୍ଞାନ ଓ ଟେକ୍‌ନୋଲୋଜୀ ବିଭାଗ ସହ ଫ୍ରାନ୍ସର ଇନ୍‌ଷ୍ଟିଚ୍ୟୁଟ ନେସନାଲ ଦେ ରିଚେର୍ଚ୍ଚେ ଏନ୍ ଇନଫରମାଟିକ୍ ଏବଂ ଏନ୍ ଅଟୋମାଟିକ୍ ମଧ୍ୟରେ ଏକ କେନ୍ଦ୍ର ସ୍ଥାପନ ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା । ଭାରତର ଷ୍ଟାର୍ଟଅପ୍‌କୁ ପ୍ରୋତ୍ସାହନ ଦେବାଲାଗି ଫ୍ରାନ୍ସର ପ୍ରସିଦ୍ଧ ଷ୍ଟାଟଅପ୍ ଇନ୍‌କ୍ୟୁବାଟୋର, ଷ୍ଟେସନ-ଏଫ୍‌ରେ ଭାରତର ୧୦ଟି ଷ୍ଟାର୍ଟଅପ୍‌କୁ ସ୍ଥାନ ଦେବାଲାଗି ଏକ ବୁଝାମଣାପତ୍ର ଦୁଇଦେଶ ମଧ୍ୟରେ ସ୍ୱାକ୍ଷରିତ ହୋଇଥିଲା । ପରପିଡିର ଆଣବିକ ରିଆକଟର ଟେକ୍‌ନୋଲୋଜୀ କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇଁ ଦୁଇଦେଶ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା । ଏହାଛଡା ଭାରତର ଆଣବିକ ଶକ୍ତି ବିଭାଗ ଏବଂ ଫ୍ରାନ୍ସର କମିସାରିଏଟ ଏ ଇନର୍ଜୀ ଅଟୋମିକ ଏଟ୍ ଅକ୍ସ ଇନର୍ଜୀଜ୍ ଅଲଟରନେଟିଭସ୍ ମଧ୍ୟରେ ଆଣବିକ ଶକ୍ତି କ୍ଷେତ୍ରରେ ସହଯୋଗ ବୃଦ୍ଧିଲାଗି ବୁଝାମଣା ହୋଇଥିଲା । ଆଣବିକ ଶକ୍ତିର ଉଚ୍ଚତର ଗବେଷଣା ଲାଗି ଭାରତର ଗ୍ଲୋବାଲ ସେଣ୍ଟର ଫର ନ୍ୟୁକ୍ଲିୟର ଏନର୍ଜୀ ପାର୍ଟନରସିପ ଏବଂ ଫ୍ରାନ୍ସ ଇନ୍‌ଷ୍ଟିଚ୍ୟୁଟ ଫର୍ ନ୍ୟୁକ୍ଲିୟର ସାଇନ୍ସ ଏଣ୍ଡ୍ ଟେକ୍ନୋଲୋଜୀ ମଧ୍ୟରେ ବୁଝାମଣା ହୋଇଥିଲା । ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଆର୍ଥିକ ବିକାଶ ଏବଂ ନିରନ୍ତର ପ୍ରଗତି ଉପରେ ଜୋର ଦେବାଲାଗି ଦୁଇଦେଶ ମିଳିତ ଘୋଷଣାରେ ଉଲ୍ଲେଖ କରିଥିଲେ । ଭାରତ ସରକାରଙ୍କ ପକ୍ଷରୁ ନୂତନ କନ୍‌ସୁଲେଟକୁ ଫ୍ରାନ୍ସର ମାର୍ସେଲ୍ଲେ ସହର ଠାରେ ପ୍ରଧାନମନ୍ତ୍ରୀ ମୋଦି ଉଦ୍‌ଘାଟନ କରିଥିଲେ । ଏହା ବାଦ୍ ଭାରତର ପରିବେଶ ଜଙ୍ଗଲ ଏବଂ ପାଣିପାଗ ପରିବର୍ତ୍ତନ ମନ୍ତ୍ରଣାଳୟ ଏବଂ ଫ୍ରାନ୍ସର ଇକୋଲୋଜିକାଲ ଟ୍ରାଞ୍ଜିସନ ଏଣ୍ଡ ସଷ୍ଟେନେବଲ ଡେଭେଲପମେଣ୍ଟ ବିଭାଗ ମଧ୍ୟରେ ଆଗାମୀ ଦିନରେ ସହଯୋଗ ପାଇଁ ବୁଝାମଣା ହୋଇଥିଲା । ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏନ ମାକ୍ରୋନଙ୍କ ନିମନ୍ତ୍ରଣ କ୍ରମେ ପ୍ରଧାନମନ୍ତ୍ରୀ ମୋଦି ଫେବୃଆରୀ ୧୦-୧୧ ପର୍ଯ୍ୟନ୍ତ ଫ୍ରାନ୍ସ ଗସ୍ତରେ ଯାଇଥିଲେ । ପ୍ରଥମ ଦୁଇଦିନ ଭାରତ- ଫ୍ରାନ୍ସ ମିଳିତ ଭାବେ କୃତ୍ରିମ ବୁଦ୍ଧିମତ୍ତା ଶିଖର ବୈଠକ, ଆନ୍ତର୍ଜାତିକ ସଂଗଠନର ନେତୃବୃନ୍ଦ, କ୍ଷୁଦ୍ର ଏବଂ ବୃହତ ଶିଳ୍ପୋଦ୍ୟୋଗୀ, ବିଶ୍ୱବିଦ୍ୟାଳୟର ପ୍ରତିନିଧି, କଳାକାର ଏବଂ ସାମାଜିକ ସଂଗଠନଗୁଡ଼ିକ ସହ ଆଲୋଚନା କରିଥିଲେ । ନଭେମ୍ବର ୨୦୨୩ରେ ବ୍ରେଟ୍ଟଚଲେ ପାର୍କ ଏବଂ ମଇ ୨୦୨୪ରେ ସିଓଲଠାରେ ଅନୁଷ୍ଠିତ ଶିଖର ବୈଠକ ପରେ ପ୍ୟାରିସଠାରେ ଏହି ଶିଖର ବୈଠକ ହୋଇଥିଲା । ଆଗାମୀ ଦିନରେ ଏହି ଶିଖର ବୈଠକ ଭାରତ ଆୟୋଜିତ କରିବ ବୋଲି ସ୍ଥିର ହୋଇଛି । ପ୍ୟାରିସ ବୈଠକର ସଫଳ ଆୟୋଜନ ପାଇଁ ପ୍ରଧାନମନ୍ତ୍ରୀ ମୋଦି ଫ୍ରାନ୍ସ

ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନଙ୍କୁ ଧନ୍ୟବାଦ ଜଣାଇଥିଲେ । ପ୍ରଧାନମନ୍ତ୍ରୀ ମୋଦିଙ୍କ ପାଇଁ ମାକ୍ରୋନ ସ୍ୱତନ୍ତ୍ର ଭୋଜିର ଆୟୋଜନ କରିଥିଲେ ।

ଜାତିସଂଘରେ ଭେଟୋ ପ୍ରୟୋଗ, ବହୁପକ୍ଷୀୟ ଆଲୋଚନା,ସୁରକ୍ଷା ପରିଷଦର ପୁନର୍ଗଠନ, ଭାରତକୁ ସଦସ୍ୟତା ପ୍ରଦାନ ସମେତ ବହୁବିଧ ବିଶ୍ୱର ସମସ୍ୟା, ଉତ୍ତେଜନା ହ୍ରାସ ପାଇଁ ପ୍ରୟାସ, ବିବିଧ ସଂଗଠନକୁ ଏଥିରେ ସଂପୃକ୍ତ କରିବାକୁ ଆଲୋଚନା ହୋଇଥିଲା । ଦୁଇଦେଶ ଭାରତର ନୂଆଦିଲ୍ଲୀ ଠାରେ ଭାରତ-ଫ୍ରାନ୍ସ ନବସର୍ଜନ ବର୍ଷ କାର୍ଯ୍ୟକ୍ରମ ମାର୍ଚ୍ଚ ୨୦୨୬ରେ ପାଳନ କରିବାକୁ ଯାଉଛନ୍ତି, ଯାହାର ଲୋଗୋ ଦୁଇଦେଶ ମିଳିତ ଭାବେ ଉନ୍ମୋଚନ କରିଥିଲେ ।

ସୁରକ୍ଷା କ୍ଷେତ୍ରରେ ଦୁଇଦେଶର ସହଯୋଗ ବହୁତ ପୁରୁଣା । ୨୦୨୪ରେ ପ୍ରତିରକ୍ଷା ଉଦ୍ୟୋଗ ରୋଡମ୍ୟାପ ଦୁଇଦେଶ ମିଳିତ ଭାବେ ପ୍ରସ୍ତୁତ କରିଥିଲେ । ଯେଉଁଥିରେ ବାୟୁସେନା ଓ ନୌବାହିନୀ କ୍ଷେତ୍ରରେ ସହଯୋଗ ପାଇଁ ସ୍ଥିର ହୋଇଥିଲା । ଭାରତର ସ୍କର୍ପିନ ସବ୍‌ମେରିନ ନିର୍ମାଣ ପାଇଁ ଚାଲିଥିବା ମିଳିତ ପ୍ରୟାସକୁ

ମୋଟର ସାଇକେଲ ଦୁର୍ଘଟଣାରେ ଦୁଇ ଗୁରୁତର

ହିଞ୍ଜିଳିକାଟୁ,୧୮।୨ (ନିପ୍ର); ହିଞ୍ଜିଳି ଥାନା ପୋଚିଲିମା ଛକ ନିକଟରେ ମୋଟର ସାଇକେଲ ଦୁର୍ଘଟଣା ଘଟି ୨ ଜଣ ଗୁରୁତର ଆହତ ହୋଇଛନ୍ତି । ଆହତ ମାନେ ହେଲେ କବିସୂର୍ଯ୍ୟନଗର ଥାନା ପଥରା ଗ୍ରାମର ଏସ. ମନୋଜ ପୃଷ୍ଟି (୨୪) ଓ କୋଟିନଡା ଥାନା ଧୋବାଡି ଗ୍ରାମର ଶଙ୍କର ପ୍ରସାଦ ପାଣିଗ୍ରାହି (୩୦) । ଖବର ପାଇ ହିଞ୍ଜିଳି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି । ଦୁର୍ଘଟଣାଗ୍ରସ୍ତ ମୋଟର ସାଇକେଲକୁ ଜବତ କରି ପୁଲିସ ଘଟଣାର ତଦନ୍ତ ଚଳାଇଛି । ପ୍ରକାଶ ଯେ, ସୋମବାର ରାତି ପ୍ରାୟ ୯ ଘଣ୍ଟା ସମୟରେ ମନୋଜ ଓ ଶଙ୍କର ମୋଟର ସାଇକେଲ (ଓଡି୦୭ଏଲ ୯୮୨୪) ଯୋଗେ ବ୍ରହ୍ମପୁର ଠାରୁ ଗ୍ରାମକୁ ଫେରୁଥିଲେ । ହିଞ୍ଜିଳି ଥାନା ପୋଚିଲିମା ଛକ ନିକଟରେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱ ଏକ ଗାର୍ଡ ୱାଲ ସହ ଧକ୍କା ଘଟି ଗୁରୁତର ଆହତ ହୋଇଥିଲେ ।

ରାୟଗଡ଼ା ଠାରୁ ଭୁବନେଶ୍ୱରକୁ ସଖାଳ ବେଳା ଭାୟା ବ୍ରହ୍ମପୁର ଦେଇ ଏକ ଟ୍ରେନ ଚଳାଚଳ ପାଇଁ ଦାବି

ରାୟଗଡ଼ା,୧୮।୨ (ନିପ୍ର); ରାୟଗଡ଼ା ପ୍ରେସ କ୍ଲବ୍ ସଦସ୍ୟମାନେ ରାୟଗଡ଼ା ରେଳ ଡିଭିଜନ ଡି ଆର୍ ଏମଙ୍କୁ ଅମିତାଭ ସିଂହଲଙ୍କୁ ଭେଟି ବିଭିନ୍ନ ଦାବି ପୁରଣ ଲାଗି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଡି. ଆର ଏମ ଶ୍ରୀ ସିଂହଲ ଦାବି ପତ୍ର ଗ୍ରହଣ କରି ଏ ଦିଗରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇବା ସହ ଯଥା ସମ୍ଭବ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ରାୟଗଡ଼ା ଠାରୁ ଭୁବନେଶ୍ୱରକୁ ସଖାଳ ବେଳା ଭାୟା ବ୍ରହ୍ମପୁର ଦେଇ ଏକ ଟ୍ରେନ ଚଳାଚଳ ପାଇଁ ଦାବୀ ଉପସ୍ଥାପନା କରାଗଲା । ବିଭିନ୍ନ କାରଣ ଦର୍ଶାଯିବା ସହ ରାୟଗଡ଼ା ବାସୀଙ୍କ ପାଇଁ ଉକ୍ତ ଟ୍ରେନର ଆବଶ୍ୟକତା ରହିଛି ବୋଲି କୁହାଯାଇ ଥିଲା । ଦ୍ୱିତୀୟରେ ରାୟଗଡ଼ା ସହରର ଫରେଷ୍ଟ ପାର୍କ ଉଚ୍ଛେଦ ନକରି ତାହାର ଉନ୍ନତି ଦିଗରେ ଚିନ୍ତା କରିବା ସହ ଆଉ ଏକ ପାର୍କ ପାଇଁ ରେଳବାଇ ପକ୍ଷରୁ ସ୍ଥାପନା, ଏହି ରାୟଗଡ଼ା ଡ଼ିଭିଜନ ଅଧିନରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସଂପର୍କରେ ସୂଚନା ପ୍ରଦାନ ଲାଗି ସ୍ମାରକ ପତ୍ରରେ ଉଲ୍ଲେଖ କରାଯାଇଛି । ଉକ୍ତ ଦାବିପତ୍ର ପ୍ରଦାନ ସମୟରେ ପ୍ରେସ୍ କ୍ଲବ୍ ସଭାପତି ଯୋଗେଶ୍ୱର ଦସ୍, ସାଧାରଣ ସଂପାଦକ ରଞ୍ଜନ କୁମାର ରଥ, କାର୍ଯ୍ୟକାରିଣୀ ସଦସ୍ୟ ଗୋପୋରଞ୍ଜନ ବଳିପାତ୍ର, ବରିଷ୍ଠ ସଦସ୍ୟ ଗୋପାଳ ଅଧିକାରୀ, ସଂଗ୍ରାମ ପଟ୍ଟନାୟକ, ବାଳକୃଷ୍ଣ ପଟନାୟକ, ସୁବ୍ରତ କୁମାର ଚୌଧୁରୀ, ବି. ଶ୍ରୀନିବାସ, ସୁଶାନ୍ତ ଦାସ୍, ସନ୍ତୋଷ ସାହୁ, ରଘୁନାଥ ପଟ୍ଟନାୟକ, ଓ୍ୱାଇ ଦାମୋଦର ପ୍ରମୁଖ ଉପସ୍ଥିତ ଥିଲେ ।

ବାଇକ୍‌କୁ ପଛପଟୁ ଧକ୍କା ଦେଲା ବୋଲେରା , ଦୁଇ ମୃତ

ବୌଦ୍ଧ,୧୮।୨ (ନିପ୍ର); ବୌଦ୍ଧଜିଲ୍ଲା ଦେଇ ଯାଇଥିବା ଖୋର୍ଦ୍ଧା ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ବୌଦ୍ଧ ଥାନା ଅନ୍ତର୍ଗତ ହରଭଙ୍ଗା ବ୍ଲକର ଖଜୁରିପଡା ଛକ ନିକଟେର ଏକ ବାଇକ୍‌କୁ ପଛପଟରୁ ଏକ ବେଲେରା ଧକ୍କା ଦେବା ଫଳେର ଦୁଇଜଣଙ୍କ ମୃତ୍ୟୁ ହୋଇଥିବା ଜଣାଯାଇଛି । ସୂଚନା ମୁତବାକ ହରଭଙ୍ଗା ବ୍ଲକ ଶ୍ୟାମସୁନ୍ଦରପୁର ଗ୍ରାମର ହିମାଂଶୁ ସେଠୀ(୬୫) ଗ୍ରାମର ବଟ୍ଗ୍ରେଶ୍ୱର ମାହାର(୩୬)ଙ୍କ ସହିତ ତାଙ୍କ ନାତି ଓମକାର ସେଠୀକୁ କରୁଣାପାଲି ଗ୍ରାମରୁ ନେଇ ଏକ ବାଇକ୍ ଯୋଗେ ଘରକୁ ଫେରୁଥିବାବେଳେ ଜାତୀୟ ରାଜପଥର ଖଜୁରୀପଡା ଛକ ନିକଟେର ତାଙ୍କ ବାଇକ୍ କୁ ଏକ ବେଲେରା ପଛପଟୁ ଧକ୍କା ଦେଇଥିଲା । ସ୍ଥାନୀୟ ଲୋକମାନଙ୍କ ଉଦ୍ୟମକ୍ରେମ ତିନିଜଣ ଆହତଙ୍କୁ ତୁରନ୍ତ ବୌଦ୍ଧ ଜିଲ୍ଲା ମୁଖ୍ୟଚିକିତ୍ସାଳୟକୁ ପଠାଯାଇଥିଲା । କିନ୍ତୁ ଚିକିତ୍ସାଳୟେର ଡାକ୍ତର ବଟ୍ଗ୍ରେଶ୍ୱର ଓ ଓମକାରକୁ ମୃତ ଘୋଷଣା କରିଥିବାବେଳେ ଗୁରୁତର ଆହତ ହିମାଂଶୁଙ୍କୁ ବୁର୍ଲା ଚିକିତ୍ସାଳୟକୁ ନେଇଯିବାକୁ ପରାମର୍ଶ ଦେଇଥିବା ଜଣାଯାଇଛି । ପୁଲିସ ଘଟଣାସ୍ଥଳେର ପହଞ୍ଚି ଦୁଘର୍ଟଣାଗ୍ରସ୍ତ ଗାଡିକୁ ଜବତ କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି ।

ଦନ୍ତାହାତୀ ମୃତ, ଜଙ୍ଗଲ ପ୍ରଶାସନର ତନାଘନା

ରିଆମାଳ,୧୮।୨ (ନିପ୍ର); ରିଆମାଳ ରେଞ୍ଜ କୁଣ୍ଢେଇଗୋଳା ସେକ୍ସନ ଅନ୍ତର୍ଗତ ଗରିଆପାଲିରେ ଏକ ଦନ୍ତା ହାତୀର ମୃତ ଦେହ ଉଦ୍ଧାର ହୋଇଛି । ଘଟଣା

ଅନୁସାରେ ଗତରାତିରେ ହାତୀଟି ଦେଝରଣ ଅଞ୍ଚଳରୁ ଗରିଆପାଲି କୁ ଆସିଥିଲା ।ସକାଳୁ ଲୋକମାନେ ମୃତ ହାତୀକୁ ଦେଖି ବନ ବିଭାଗକୁ ଖବର ଦେଇଥିଲେ । ମୃତ ହାତୀ ପାଖରୁ ପାଞ୍ଚ ଫୁଟ ଦୂରରେ ଶିକାର ଉଦ୍ଦେଶ୍ୟରେ ବୋଡଲ ଓ ବାଉଁଶ ଷ୍ଟିକ ରେ ତାର ଲଗାଯାଇ ରଖା ଯାଇଥିବା ଏବଂ ମୁଖ୍ୟ ଲାଇନ ଠାରୁ ୩୦୦ମିଟର ଦୂରରେ ହାତୀ ଟି ମରିଥିବା ଦେଖିବାକୁ ମିଳିଥିଲା । ଘଟଣା ବିଷୟରେ ଜାଣି ରେଞ୍ଜର ନିରଞ୍ଜନ ଧଡୁଆ ଓ ସ୍ଥାନୀୟ ଫରେଷ୍ଟର ତପନ ନାୟକ ଘଟଣା ସ୍ଥଳକୁ ପହଁଚି ଥିବାବେଳେ ହାତୀ ମୁହଁରେ ଏକ ଘା ଥିବା ମଧ୍ୟ ଦେଖିବାକୁ ପାଇଥିଲେ ଓ କେଉଁ ଉଦ୍ଦେଶ୍ୟରେ ସେଠାରେ ବୋଡଲ ଓ ତାର ରଖାଯାଇଥିଲା ତାହା ତଦନ୍ତ ସାପେକ୍ଷ ଏବଂ ହାତୀଟିର ମୃତ୍ୟୁ କେମିତି ହେଲା ତାହା ବ୍ୟବଚ୍ଛେଦ ପରେ ଘଟଣା ସମ୍ପର୍କରେ ଜଣା ପଡିବ ବୋଲି ରେଞ୍ଜର ଶ୍ରୀ ଧଡୁଆ ସୂଚନା ଦେଇଥିଲେ । କିନ୍ତୁ ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ବନ୍ୟଜନ୍ତୁ ଶିକାର ଉଦ୍ଦେଶ୍ୟରେ ବ୍ୟବହୃତ ତାରରେ ଲାଗି ହାତୀର ମୃତ୍ୟୁ ହୋଇଛି ।

ବିଜେପିର କାର୍ଯ୍ୟଶୈଳୀକୁ କଂଗ୍ରେସର ନିନ୍ଦା

ବୁଗୁଡ଼ା,୧୮।୨ (ନିପ୍ର); ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରେ କଂଗ୍ରେସ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଆସିକା ସାଂସଦ ପ୍ରାର୍ଥୀ ଦେବକାନ୍ତ ଶର୍ମା, ବରିଷ୍ଠ କଂଗ୍ରେସ ନେତା ଦେବୀ ପ୍ରସାଦ ବିଷୋୟୀ, ପିସିସି ସଦସ୍ୟ ସୁଜିତ ସ୍ୱାଇଁ, ପ୍ରାକ୍ତନ କଂଗ୍ରେସ ସେବାଦଳ ସଭାପତି ଜାନକୀ ବଲ୍ଲଭ ରାଉତ, ପ୍ରାକ୍ତନ ବ୍ଲକ କଂଗ୍ରେସ ସଭାପତି ଶଙ୍କର୍ଷଣ ବେହେରା, ପ୍ରାକ୍ତନ ନଗର କଂଗ୍ରେସ ସଭାପତି ମାନସ ରଞ୍ଜନ ଦାଶ, ସିମାଞ୍ଚଳ ଖଟେଇ ପ୍ରମୁଖ ଯୋଗ ଦେଇ ଭାରତୀୟ ଜନତା ପାର୍ଟିର କାର୍ଯ୍ୟଧାରାକୁ ତୀବ୍ର ସମାଲୋଚନା କରିଥିଲେ । ଏହି ଅବସରରେ ଦିନେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପ୍ରତି ଅଶାଳୀନ ଶବ୍ଦ ପ୍ରୟୋଗର ଦ୍ୱାହି ଦେଇ ବିଜେପି ପକ୍ଷରୁ ସ୍ଥାନୀୟ ମଦନ ମୋହନ ଛକରେ ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କ କୁଶ ପୁତୁଳିକା ଦାହ ସହ ସେମାନଙ୍କ ପ୍ରତି ଅଶାଳୀନ ବକ୍ତବ୍ୟ ପ୍ରଦାନର ନିନ୍ଦା କରାଯାଇଥିଲା । ପୂର୍ବରୁ କଂଗ୍ରେସ ଦଳରେ ରହି ସୋନିଆ ଓ ରାହୁଲଙ୍କ ଜୟଗାନ କରୁଥିବା କେତେକ ବିଜେପି ନେତା ଓ କର୍ମୀ ଏବେ ସେମାନଙ୍କ ପ୍ରତି କଟୁ ମନ୍ତବ୍ୟ ପ୍ରଦାନ କରିବା ହାସ୍ୟାସ୍ପଦ ବୋଲି ମତବ୍ୟକ୍ତ କରିବା ସହ ଏଠାକାର ବିଜେପି କର୍ମୀ ଓ କର୍ମକର୍ତ୍ତାଙ୍କ ଔଦ୍ଧତ୍ୟର ଜବାବ ଜନତା ଆଗାମୀ ନିର୍ବାଚନରେ ଦେବେ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ ।

ଅସଂଖ୍ୟ ପାତି ମାଙ୍କଡ : ରାସ୍ତାଘାଟ, ହାଣ୍ଡିଶାଳରେ ରାଜ କରୁଛନ୍ତି , ଲୋକେ ଆତଙ୍କିତ

ନିରାକାରପୁର,୧୮/୨ (ନିପ୍ର): ପୂର୍ବରୁ ମାଙ୍କଡ ମାନେ ମୁଖ୍ୟତଃ ଜଙ୍ଗଲରେ ରହୁଥିଲେ । ଜଙ୍ଗଲ ଜାତ ଦ୍ରବ୍ୟ ଖାଇ ବଞ୍ଚୁ ଥିଲେ । ଗାଁ ମାନଙ୍କୁ କେବଳ ହନୁ ମାଙ୍କଡ ଆସନ୍ତି ବାଡ଼ି ବଗିଚାର ଲାଗିଥିବା ବିଭିନ୍ନ ଫଳ ମୂଳ, ପନିପରିବା , କଦଳୀ ଖାଇ ଫେରି ଯାଆନ୍ତି । ପାତି ମାଙ୍କଡ ଗୁଡ଼ିକ ବିଭିନ୍ନ କେତେକାଂଶରେ ବିଭିନ୍ନ ଜଙ୍ଗଲ ବ୍ୟତୀତ କିଛି ମନ୍ଦିର, ପାହାଡ ରେ ଦେଖାଯାଉଥିଲେ ।କିନ୍ତୁ ବର୍ତ୍ତମାନ ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ତାର ପାଖାପାଖି ଅଂଚଳରେ ପାତି ମାଙ୍କଡ ମାନଙ୍କର ଆତଙ୍କ ବଢ଼ିବାରେ ଲାଗିଛି । ଅସଂଖ୍ୟ ସଂଖ୍ୟାରେ ପାତି ଏବେ ସକାଳୁ ସନ୍ଧ୍ୟା ବେଳ ପର୍ଯ୍ୟନ୍ତ ଆଉ ଅଞ୍ଚଳରୁ ଛାଡ଼ି କି ଯାଉ ନାହାଁନ୍ତି ।ଦୋକାନ ବଜାର ଭିତରେ ପଶି ଖାଦ୍ୟ ପଦାର୍ଥ ଜିନିଷ ନେଇ ଖାଉଥିବା ବେଳେ ହାଣ୍ଡିଶାଳରେ ପଶି ରୋଷେଇ ହୋଇଥିବା ଭାତ ଓ ଅନ୍ୟାନ୍ୟ ବ୍ୟଞ୍ଜନ ମଧ୍ୟ ନିର୍ଭୟରେ ଖାଇ ଯାଉଛନ୍ତି । ରାସ୍ତାଘାଟ ରେ ବସି ରହୁଥିବାବେଳେ ଲୋକେ ରାସ୍ତାରେ ଯାତାୟାତ କରିବାକୁ ଭୟ କରୁଛନ୍ତି ।

ଦିନକୁ ଦିନ ଏମାନଙ୍କ ସଂଖ୍ୟା ବଢିବାରେ ଲାଗିଛି । ଲୋକେ ମର୍ଣିଂ ୱାକ ଠାରୁ ଆରମ୍ଭ କରି ବସଷ୍ଟାଣ୍ଡ, ରେଳ ଷ୍ଟେସନ ଇତ୍ୟାଦିକୁ ଯିବା ବେଳେ ଭୟରେ ଭୟରେ ଯିବା ଆସିବା କରୁଛନ୍ତି ।ଏ ସବୁକୁ ଦୃଷ୍ଟିରେ ରଖି ବନ ବିଭାଗ ଏମାନଙ୍କ ଗତିବିଧି ଉପରେ ନଜର ରଖିବା ସହିତ ଏମାନଙ୍କୁ କିପରି ଜଙ୍ଗଲକୁ ସ୍ଥାନାନ୍ତରିତ କରାଯିବ ସେଥିପ୍ରତି ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ।

ପୂର୍ଣ୍ଣିମା କେର୍କେଟା ହେଲେ ରାଉରକେଲା ବିଜେପି ସଭାପତି

ରାଉରକେଲା,୧୮।୨ (ନିପ୍ର); ସବୁ କଳ୍ପନା ଜଳ୍ପନାର ଅନ୍ତ ଘଟାଇ ପାନପୋଷ ସାଂଗଠନିକ ଜିଲ୍ଲା ଭାରତୀୟ ଜନତା ପାର୍ଟିର ସଭାପତି ରୂପେ ପୂର୍ଣ୍ଣିମା କେର୍କେଟାଙ୍କ ନାମ ଘୋଷଣା କରାଯାଇଛି । ରାଜ୍ୟରେ ଅଟକିଥିବା ରାଜ୍ୟର ୧୩ ଜିଲ୍ଲା ବିଜେପି ସଭାପତିଙ୍କ ନାମ ଘୋଷଣା କରାଯାଇଛି । ରାଉରକେଲା ପାନପୋଷ ସାଂଗଠନିକ ଜିଲ୍ଲା ସଭାପତି ଦୌଡରେ ଥିବା ୧୨ ନେତାଙ୍କ ମଧ୍ୟରୁ ଆଜି ବିଜେପି ହାଇକମାଣ୍ଡ ପୂର୍ଣ୍ଣିମା କେର୍କେଟାଙ୍କ ନାମ ଘୋଷଣା କରିଛନ୍ତି । ପୂର୍ଣ୍ଣିମା କେର୍କେଟା ବିଜେପି ରାଜ୍ୟ ସାଧାରଣ ସମ୍ପାଦିକା ଅଛନ୍ତି । ବହୁ ବାଦବିବାଦ ପରେ ପୂର୍ଣ୍ଣିମା କେର୍କେଟା ନାମରେ ମୋହର ବାଜିଥିବାରୁ ବିଜେପି ନେତା ଓ କର୍ମୀମହଲରେ ଖୁସିର ଲହରି ଖେଳିଯାଇଛି । ଆଗାମୀ ଦିନରେ ପୂର୍ଣ୍ଣିମା କେର୍କେଟା ପାନପୋଷ ସାଙ୍ଗଠନିକ ଜିଲ୍ଲାରେ ଦଳକୁ ସୁଦୃଢ଼ କରିବା ସହ ସହର ବିକାଶକୁ ଆଗେଇ ନେବାରେ ସହାୟକ ହେବେ ବୋଲି ନେତାମାନେ ଆଶାବ୍ୟକ୍ତ କରିଛନ୍ତି । ବିଜେପି ରାଜ୍ୟ ମୁଖପାତ୍ର ଧୀରେନ ସେନାପତି ପୂର୍ଣ୍ଣିମାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ପୂର୍ଣ୍ଣିମାଙ୍କ ନେତୃତ୍ୱରେ ରାଉରକଲୋ ଦଳ ଆହୁରି ସୁଦୃଢ଼ ହେବ ବୋଲି ସେ କହିଛନ୍ତି । ଏମାନଙ୍କ ମଧ୍ୟରୁ ପୂର୍ଣ୍ଣିମା କେର୍କେଟା, ଶଙ୍କର ଓରାମ, ପ୍ରମିଳା ଦାସ ଓ ଶଙ୍କର ପୂଜାରୀଙ୍କ ନାମକୁ ଦଳୀୟ ନେତା ଓ କର୍ମୀ ମହଲରେ ବେଶ୍ ଚର୍ଚ୍ଚା ହେଉଥିଲା ।

ବିଧାୟକଙ୍କୁ ପାଣି ସମସ୍ୟା ଜଣେଇଲେ ଚାଷୀ

କାଶୀନଗର,୧୮।୨ (ନିପ୍ର): ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ସ୍ଥିତ ପ୍ରଭୁ ଜଗନ୍ନାଥ ମନ୍ଦିର ପରିସରରେ ପାରଳା ବିଧାୟକ ଇଂ ରୂପେଶ କୁମାର ପାଣିଗ୍ରାହୀଙ୍କ ନିକଟରେ ବିଭିନ୍ନ ସମସ୍ୟା ନେଇ ଧାମୁନିଗାଁ, ଦେବିଦି, ଆର. ସୀତାପୁର, ରଣଦେବୀ, ଯାଜପୁର ଏହି ସମସ୍ତ ଗ୍ରାମର ଗ୍ରାମବାସୀ ମହେନ୍ଦ୍ରତନୟା ନଦୀର ପାଣି କେନାଲ ଯୋଗେ ଉପରୋକ୍ତ ଗାଁଗୁଡ଼ିକର ପାଣି ସୁବିଧା ପାଇ ପାରୁନଥିବା ଯୋଗୁଁ ସେଠାକାର ଚାଷୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିଧାୟକଙ୍କୁ ସେମାନଙ୍କ ସମସ୍ୟା ଜଣେଇଥିଲେ । ଏଥିରେ ବିଧାୟକ ତୁରନ୍ତ ଜିଲ୍ଲାପାଳଙ୍କ ସହ ଫୋନ ଯୋଗେ ଯୋଗାଯୋଗ କରି ସେମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ କରି ଏହି ସମସ୍ୟାର ତୁରନ୍ତ ସମାଧାନ କରାଯାଉ ବୋଲି କହିଥିଲେ । ଏଥିରେ ବିଧାୟକ ସହ ଜିଲ୍ଲାପରିଷଦ ଅଧକ୍ଷ ଜି. ତିରୁପତି ରାଓ, ପୌରପରିଷଦ ଅଧ୍ୟକ୍ଷା ନିର୍ମଳା ସେଠୀ, କାଶୀନଗର ବ୍ଲକ ଅଧକ୍ଷା ବଲାସାଇଆମ୍ମା, ରାଜ୍ୟ ଉପସମ୍ପାଦକ ପ୍ରଦୀପ ନାୟକ, ଜିଲ୍ଲାପରିଷଦ ଏସ.ବାଲରାଜୁ,କାଉଁସିଲର ବସନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

ପ୍ରେମିକାକୁ ପ୍ରତାରଣା, ଫଟୋ ଭାଇରାଲ୍ କରି ପ୍ରେମିକ ଗିରଫ

ଦେବଗଡ,୧୮।୨ (ନିପ୍ର): ରିଆମାଳ ଥାନା ଅନ୍ତର୍ଗତ ବେଗୁନିଆନାଳି ଗ୍ରାମର ଶଶି କିସାନକୁ ପ୍ରେମିକା ସହିତ ହୋଇଥିବା ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଭାଇରାଲ୍ କରିଥିବାରୁ ଗିରଫ କରିଛି ଦେବଗଡ଼ ପୋଲିସ । ସୂଚନା ଅନୁଯାୟୀ ଶଶି କିସାନ ଦେବଗଡ଼ ଥାନାଞ୍ଚଳର ଜନୈକ ଯୁବତୀଙ୍କୁ ପ୍ରେମ ଆଳରେ ଦୁଷ୍କର୍ମ କରିଥିବା ଦେବଗଡ଼ ଥାନାରେ ସମ୍ପୃକ୍ତ ଯୁବତୀ ଜଣକ ଅଭିଯୋଗ କରିଛନ୍ତି । ଶଶି ଉକ୍ତ ଯୁବତୀଙ୍କୁ ବିବାହ ପାଇଁ ତାଙ୍କ ଘର ଲୋକଙ୍କୁ ପ୍ରସ୍ତାବ ଦେଇଥିଲେ କିନ୍ତୁ ଯୁବତୀ ଙ୍କ ଘର ଲୋକେ ଏହି ପ୍ରସ୍ତାବରେ ରାଜି ହୋଇ ନ ଥିଲେ । ତେଣୁ ଶଶି କ୍ରୋଧିତ ହୋଇ ଯୁବତୀଙ୍କୁ ଅପହରଣ କରିବା ଓ ହତ୍ୟା କରିବା ଧମକ ଦେଉଛନ୍ତି ବୋଲି ସମ୍ପୃକ୍ତ ଯୁବତୀ ଦେବଗଡ଼ ଥାନାରେ ଏତଲା ଦେଲାରୁ ଦେବଗଡ଼ ପୋଲିସ ଗତ ସୋମବାର ଶଶିକୁ ଗିରଫ କରି କୋର୍ଟଚାଲାଣ କରିଥିବାବେଳେ, ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ଶଶିକୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି ।

ଅନ୍ତର୍ଜାତୀୟ ମାତୃଭାଷା ସମ୍ମିଳନୀ: ଓଡ଼ିଆ ଭାଷାର କମ୍ପ୍ୟୁଟରୀକରଣ ପାଇଁ ବିଶ୍ୱସ୍ତରୀୟ ବିଶେଷଜ୍ଞଙ୍କ ସମାବେଶ

ଶାନ୍ତନୁ ଆଚାର୍ଯ୍ୟଙ୍କୁ ଚଳିତ ବର୍ଷର ଆମଗୌରବ ସମ୍ମାନ

ଭୁବନେଶ୍ୱର,୧୮।୨ (ନିପ୍ର); ନୂଆଦିଲ୍ଲୀ ସ୍ଥିତ ଓଡିଆ ବୁଦ୍ଧିଜୀବୀ ଫୋରମ 'ଦି ଇଣ୍ଟେଲେକ୍ଟସ' ଆନୁକୂଲ୍ୟରେ ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ଘୋଷଣା ଦିବସ ଓ ବିଶ୍ୱ ମାତୃଭାଷା ଦିବସ ଅବସରରେ ଆୟୋଜିତ ହେଉଥିବା ଦେଶର ଏକମାତ୍ର ଅନ୍ତର୍ଜାତୀୟ ମାତୃଭାଷା ସମ୍ମିଳନୀ 'ଆମରି ଭାଷା ପଥେ' ର ଏକାଦଶ ସଂସ୍କରଣ 'ଲ୍ୟାଙ୍ଗଫେଷ୍ଟ-୨୦୨୫' ଚଳିତ ମାସ ୨୦ ଏବଂ ୨୧ ତାରିଖରେ ଭୁବନେଶ୍ୱର ସ୍ଥିତ ହୋଟେଲ ସ୍ୱସ୍ତି ପ୍ରିମିୟମ ସଭାଗୃହରେ ଅନୁଷ୍ଠିତ ହେବ । ଶିକ୍ଷାବିତ ଦେବେନ୍ଦ୍ର ନାଥ ରାଉତଙ୍କ ଆବାହକତ୍ୱରେ ଓ ଡଃ ଭଗବାନ ପ୍ରକାଶଙ୍କ ଅଧକ୍ଷତାରେ ଦୁଇଦିନ ବ୍ୟାପୀ ଏହି ସମ୍ମିଳନୀରେ ମାତୃଭାଷାର କମ୍ପ୍ୟୁଟରୀକରଣ (ଡିଜିଟାଲାଇଜେସନ) ଉପରେ ବିଶଦ ଆଲୋଚନା ପାଇଁ ବିଶ୍ୱର ବିଭିନ୍ନ କୋଣରୁ ବଶେଷଜ୍ଞ ଯୋଗଦେଉଛନ୍ତି । ସମସ୍ତ ଭାରତୀୟ ଶାସ୍ତ୍ରୀୟ ଭାଷା ତଥା ଭାରତୀୟ ଭାଷାର ବିଶେଷଜ୍ଞମାନେ ଯୋଗଦେଇ 'ମାତୃଭାଷାରେ ପ୍ରଯୁକ୍ତିବିଦ୍ୟାର ଅଗ୍ରଗତି ଓ ଜାତିର ପ୍ରଗତି' ଶୀର୍ଷକରେ ନିଜର ଦୃଷ୍ଟି ଭଙ୍ଗୀ ରଖିବେ । ମାତୃଭାଷାକୁ ସମୃଦ୍ଧ କରିବା ସହିତ ଆଗାମୀ ପିଢି ପାଖରେ ଅଧିକ ଆଦୃତ କରିବା ପାଇଁ

ଏହାର କମ୍ପ୍ୟୁଟରୀକରଣ ଅତ୍ୟନ୍ତ ଜରୁରୀ ଅଟେ । ଏଣୁ ଏହି ପ୍ରକ୍ରିୟାକୁ ଓଡ଼ିଆ ଭାଷାରେ ତ୍ୱରାନ୍ୱିତ କରିବାର ଲକ୍ଷ୍ୟ ରଖି ଚଳିତ ବର୍ଷ ମାତୃଭାଷା ସମ୍ମିଳନୀ ରାଜ୍ୟ ରାଜଧାନୀ ଭୁବନେଶ୍ୱରରେ ଆୟୋଜନ କରାଯାଉଛି ବୋଲି ଆବାହକ ଶ୍ରୀ ରାଉତ ପ୍ରକାଶ କରିଛନ୍ତି । ଏହି ସମ୍ମିଳନୀରେ ଓଡ଼ିଆ ଭାଷା ପାଇଁ ଅନବରତ କାର୍ଯ୍ୟ କରୁଥିବା ବିଶିଷ୍ଟ ବ୍ୟକ୍ତିତ୍ୱ ଡଃ ଦେବୀ ପ୍ରସନ୍ନ ପଟ୍ଟନାୟକ, ପ୍ରଫେସର ଶାନ୍ତନୁ ଆଚାର୍ଯ୍ୟ, ସମ୍ବାଦ ଗ୍ରୁପର ଅଧକ୍ଷ ସୌମ୍ୟ ରଞ୍ଜନ ପଟ୍ଟନାୟକ, ମାଇକ୍ରୋସପ୍ଟ , ଗୁଗୁଲ, ସିଡାକ, ଭାସିନୀ, ଏନସିଆରଟି, ଓଡ଼ିଶା କମ୍ପ୍ୟୁଟର ଏକାଡ଼େମୀ, ଓଡ଼ିଶା ଭରବୁଆଲ ଏକାଡ଼େମୀ ତଥା ଡିଜିଟାଲାଇଜେସନ ଉପରେ କାର୍ଯ୍ୟକରୁଥିବା ଅନେକ ଅଧିକାରୀଙ୍କ ସମେତ ଓଡ଼ିଶାର ଅନେକ ବରେଣ୍ୟ ବ୍ୟକ୍ତିତ୍ୱ ଯୋଗଦେଇ ନିଜର ଅଭିମତ ରଖିବା ସହିତ ଓଡ଼ିଆ ଭାଷାକୁ ସମୃଦ୍ଧ କରିବା ପାଇଁ ଏକ ଭିତ୍ତିଭୂମି ପ୍ରସ୍ତୁତି କରିବାରେ ସହାୟକ ହେବେ ବୋଲି ଆଶା ଜ୍ଞାପନ କରାଯାଉଛି । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ, ସଂସ୍କୃତି ମନ୍ତ୍ରୀ, ଶିକ୍ଷମନ୍ତ୍ରୀଙ୍କ ସମେତ ଅନ୍ୟ ନେତୃବର୍ଗ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ଓଡିଆ ଭାଷାର ଉନ୍ନତିର ବିଭିନ୍ନ ଦିଗରେ ଅବଦାନ ରଖିଥିବା ବରିଷ୍ଠ ବ୍ୟକ୍ତିତ୍ୱଙ୍କୁ ତାଙ୍କ ଜୀବନ

ଅସ୍ଥି କଳସ ନେଇ ବଜେଟ ଅଧିବେଶନରେ ପ୍ରବେଶ କଲେ ବିଧାୟକ

ଲକ୍ଷ୍ନୌ,୧୮।୨: ମଙ୍ଗଳବାରଠାରୁ ଉତ୍ତର ପ୍ରଦେଶ ବିଧାନସଭାର ବଜେଟ ଅଧିବେଶନ ଆରମ୍ଭ ହୋଇଛି । ଏହା ଚଳିତ ବର୍ଷର ପ୍ରଥମ ଅଧିବେଶନ । ଅଧିବେଶନ ଆରମ୍ଭ ହେବା ମାତ୍ରେ ବିରୋଧୀ ଦଳ ହଙ୍ଗାମା କରିବା ଆରମ୍ଭ କରିଦେଲେ । ଜଣେ ଏସପି ନେତା ଅସ୍ଥି କଳସ ସହିତ ବିଧାନସଭାରେ ପହଞ୍ଚିଥିଲେ । ଏହା ବ୍ୟତୀତ ଏସପି ନେତାମାନେ ମଧ୍ୟ ପ୍ରତିବାଦ କରିଥିଲେ । ପୂର୍ବରୁ, ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ବଜେଟ ଅଧିବେଶନ ଉପରେ କହିଥିଲେ ଯେ ମଙ୍ଗଳବାର ବିଧାନସଭାର କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ରାଜ୍ୟପାଳ ଗୃହକୁ ସମ୍ବୋଧିତ କରିବେ । ଏହାପରେ, ଆସନ୍ତାକାଲିଠାରୁ ଗୃହରେ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଆଲୋଚନା ହେବ । ୨୦୨୫-୨୬ ବର୍ଷ ପାଇଁ ଉତ୍ତର ପ୍ରଦେଶର ସାଧାରଣ ବଜେଟ ୨୦ ଫେବୃଆରୀରେ ଗୃହରେ ଉପସ୍ଥାପିତ ହେବ । ଏହି ଅଧିବେଶନ ଫେବୃଆରୀ ୧୮ରୁ ମାର୍ଚ୍ଚ ୫ପର୍ଯ୍ୟନ୍ତ ପ୍ରସ୍ତାବିତ କରାଯାଇଛି । ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିଛନ୍ତି ଯେ ଉତ୍ତର ପ୍ରଦେଶର ଇତିହାସରେ ଏତେ ଦୀର୍ଘ ସମୟ ଧରି ଅଧିବେଶନ ଡକାଯାଇଥିବାର ବହୁତ କମ ଘଟଣା ଘଟିଛି, କିନ୍ତୁ ଏହା କେବଳ ଶାସକ ଦଳର ନୁହେଁ ବରଂ ବିରୋଧୀ ଦଳର ମଧ୍ୟ ଦାୟିତ୍ୱ ଯେ ଗୃହର କାର୍ଯ୍ୟ ସୁରୁଖୁରୁରେ ସମାପ୍ତ ହେଉ । ଗୃହଟି ଆଲୋଚନା ଏବଂ ବିତର୍କର ଏକ ମଞ୍ଚ ହେବା ଉଚିତ । ଗତ ୮ବର୍ଷ ମଧ୍ୟରେ ଉତ୍ତର ପ୍ରଦେଶର ଡବଲ ଇଞ୍ଜିନ ଭାଜପା ସରକାର ଦ୍ୱାରା ନିର୍ଦ୍ଧାରଣ କରାଯାଇଥିବା ବିକାଶର ମାନଦଣ୍ଡ ଅଭୂତପୂର୍ବ ।

ସତ୍ୟେନ୍ଦ୍ର ଜୈନଙ୍କ ବଢିଲା ମୁସ୍କିଲ

ନୂଆଦିଲ୍ଲୀ,୧୮।୨: ଆମ୍ ଆଦମୀ ପାର୍ଟି(ଆପ୍)ର ବରିଷ୍ଠ ନେତା ତଥା ଦିଲ୍ଲୀର ପୂର୍ବତନ ମନ୍ତ୍ରୀ ସତ୍ୟେନ୍ଦ୍ର ଜୈନଙ୍କ ମୁସ୍କିଲ ବଢି ଯାଇଛି । ସତ୍ୟେନ୍ଦ୍ରଙ୍କ ବିରୋଧରେ ମୋକଦ୍ଦମା ଚଲାଇବା ଦାବିରେ ଦାଖଲ ଫାଇଲ୍ ଉପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୋହର ମାରିଛନ୍ତି । ୬୦ ବର୍ଷୀୟ ଜୈନଙ୍କ ବିରୋଧରେ ଗୃହ ମନ୍ତ୍ରଣାଳୟ ଭାରତୀୟ ନାଗରିକ ସୁରକ୍ଷା ସଂହିତାର ଧାରା ୨୧୮ ଆଧାରରେ ମୋକଦ୍ଦମା ଚଲାଇବା ପାଇଁ ମଞ୍ଜୁରୀ ଦେବାକୁ ଅନୁରୋଧ କରିଥିଲା । ମନ୍ତ୍ରଣାଳୟ ଇଡିର ତଦନ୍ତ ଓ ପର୍ଯ୍ୟାପ୍ତ ପ୍ରମାଣ ଆଧାରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ତଦନ୍ତ ପାଇଁ ଅନୁମତି ଦେବାକୁ ଅନୁରୋଧ କରିଥିଲା । ଯାହାକୁ ମଞ୍ଜୁରୀ ଦେଇଛନ୍ତି ରାଷ୍ଟ୍ରପତି । ସୂଚନାଯୋଗ୍ୟ, କେନ୍ଦ୍ରୀୟ ଯାଞ୍ଚ ଏଜେନ୍ସି ପୂର୍ବତନ ସ୍ୱାସ୍ଥ୍ୟ ମନ୍ତ୍ରୀ ସତ୍ୟେନ୍ଦ୍ର ଜୈନଙ୍କୁ ମନି ଲଣ୍ଡ୍ରିଂ କେସରେ ୨୦୨୨ ମେରେ ଗିରଫ କରିଥିଲା । ଜୈନ ବର୍ତ୍ତମାନ ଜାମିନରେ ଅଛନ୍ତି ଓ ଇଡି ତାଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଛି । ମନି ଲଣ୍ଡ୍ରିଂ ମାମଲାରେ ୨୦୧୭ ଅଗଷ୍ଟରେ ସିବିଆଇ ଜୈନ ଓ ଅନ୍ୟ ଦୁଇ ଜଣଙ୍କ ବିରୋଧରେ ମାମଲା ରୁଜୁ କରିଥିଲା । ଏପରିକି କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ୨୦୧୮ରେ ଅଭିଯୋଗପତ୍ର ଦାଖଲ କରିଥିଲା । ଏଥିରେ ଅଭିଯୋଗ ହୋଇଥିଲା ଯେ, ଜୈନଙ୍କର ଆୟଠୁ ୧.୪୭ କୋଟି ଟଙ୍କାର ଅଧିକ ସଂପତ୍ତି ରହିଥିଲା, ଯାହା ୨୦୧୫-୧୭ରେ ଜୈନଙ୍କ ଆୟଠୁ ପ୍ରାୟ ୨୧୭ ପ୍ରତିଶତ ଅଧିକ ।

ଧମକ ଦେଲେ ଶେଖ ହସିନା: ସବୁର ପ୍ରତିଶୋଧ ନେବି

ଢାକା,୧୮।୨: ପୂର୍ବତନ ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ ହସିନା ୟୁନୁସ ସରକାରଙ୍କୁ ଧମକ ଦେଇଛନ୍ତି । ସେ ପ୍ରଦର୍ଶନକାରୀଙ୍କ ଆକ୍ରମଣରେ ପ୍ରାଣ ପୋଲିସ କର୍ମଚାରୀଙ୍କ ସ୍ତ୍ରୀମାନଙ୍କ ସହିତ ଏକ ଭର୍ଚୁଆଲ ଆଲୋଚନା କରିଥିଲେ । ଆଲୋଚନା ସମୟରେ ସେ ବାଂଲାଦେଶରେ ବୃଦ୍ଧି ପାଉଥିବା ଆତଙ୍କବାଦୀ କାର୍ଯ୍ୟକଳାପକୁ ନିନ୍ଦା କରି କହିଥିଲେ, ନୋବେଲ ପୁରସ୍କାର ବିଜେତା ୟୁନୁସ ଦେଶକୁ ଏକ ଆତଙ୍କବାଦୀ ରାଷ୍ଟ୍ରରେ ପରିଣତ କରିଛନ୍ତି । ଏହି ସମୟରେ, ସେ ପ୍ରତିଶ୍ରୁତି ଦେଇଥିଲେ ଯେ ପୀଡିତ ପରିବାରକୁ ସାହାଯ୍ୟ କରାଯିବ ଏବଂ ହତ୍ୟାକାରୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଛାତ୍ର ଆନ୍ଦୋଳନ ସମୟରେ ସିରାଜଗଞ୍ଜରେ ପୋଲିସଙ୍କୁ ଟାର୍ଗେଟ କରାଯାଇଥିଲା । ହିଂସା ସମୟରେ ଏଠାରେ ଅନେକ ପୋଲିସ ଅଧିକାରୀ ନିହତ ହୋଇଥିଲେ । ଏହି ହିଂସା ଉପରେ ଶେଖ ହସିନା କହିଥିଲେ, ମୁଁ ଫେରି ଆସିବି ଏବଂ ଆମର ପୋଲିସକର୍ମୀଙ୍କ ମୃତ୍ୟୁର ପ୍ରତିଶୋଧ ନେବି । ୟୁନୁସଙ୍କ ମଧ୍ୟବର୍ତ୍ତୀକାଳୀନ ସରକାରରେ ଜଣେ ଆତ୍ମଘୋଷିତ ଛାତ୍ର ନେତା ଅଛନ୍ତି ଯିଏ କୁହନ୍ତି ଯେ ପୋଲିସ କର୍ମଚାରୀଙ୍କୁ ହତ୍ୟା ନ କରି କୌଣସି ବିପ୍ଳବ ହୋଇପାରିବ ନାହିଁ । ଆମକୁ ଏହି ଅରାଜକତାର ଅନ୍ତ କରିବାକୁ ପଡିବ ।

କଶ୍ମୀରରେ ଆତଙ୍କବାଦୀ ଆକ୍ରମଣ ଉଦ୍ୟମ ପଣ୍ଡ

ଶ୍ରୀନଗର,୧୮।୨: ଦକ୍ଷିଣ କାଶ୍ମୀରର ଜେନପୋରା ଶୋପିଆନରେ ସୁରକ୍ଷା ବାହିନୀ ଏକ ପ୍ରେସର କୁକର ଆଇଇଡି ଜବତ କରିଛନ୍ତି । ସେହି ସମୟରେ, ପୁଲୱାମା ଜିଲାର ପିଙ୍ଗଲିଶ ନାଗଣ୍ଡାଡି ତରାଲରେ ଏକ ଆଇଇଡି ମଧ୍ୟ ମିଳିଥିଲା । ଏହା ପରେ ସୁରକ୍ଷା ବାହିନୀ ସାଧାରଣ ଯାତାୟାତ ପାଇଁ ରାସ୍ତାକୁ ବନ୍ଦ କରିଦେଇଛି ଏବଂ ବୋମା ନିଷ୍କ୍ରିୟକାରୀ ଦଳ ଘଟଣାସ୍ଥଳରେ ପହଞ୍ଚିଛନ୍ତି । ସୂଚନାଯୋଗ୍ୟ, ପାକିସ୍ତାନ ବର୍ତ୍ତମାନ ସବୁ ଦିଗରୁ ଚାପରେ ଅଛି । ପ୍ରଥମତଃ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଫ୍ରାନ୍ସ ଏବଂ ଆମେରିକା ଗସ୍ତ ପରେ ଆତଙ୍କବାଦ ଶେଷ କରିବା ପାଇଁ ବିଶ୍ୱର ଚାପ, ଦ୍ୱିତୀୟତଃ, ନୂଆ ଜାମ୍ମୁ-କାଶ୍ମୀରରେ ଶାନ୍ତି ଏବଂ ବିକାଶର ଯୁଗ ଯୋଗୁଁ ପାକିସ୍ତାନ ଉପରେ ଆଭ୍ୟନ୍ତରୀଣ ଚାପ, ତୃତୀୟତଃ, ନିୟନ୍ତ୍ରଣ ରେଖାରେ ଭାରତୀୟ ସେନା ଦ୍ୱାରା ଜିରୋ ଲାଇନ ନିକଟରେ କରାଯାଉଥିବା ତାରବାଡ଼ ଦ୍ୱାରା ଅନୁପ୍ରବେଶ ପଥ ବନ୍ଦ କରିବା ଯୋଗୁଁ ଆତଙ୍କବାଦୀ ସଂଗଠନଗୁଡ଼ିକର ଚାପ ଏବଂ ଚତୁର୍ଥତଃ, ନିୟନ୍ତ୍ରଣ ରେଖାରେ ପରିବର୍ତ୍ତିତ ରଣନୀତି ଏବଂ ଆତଙ୍କବାଦ ମୁକାବିଲା ପାଇଁ କେନ୍ଦ୍ର ସରକାରଙ୍କ ସ୍ପଷ୍ଟ ନୀତି ଯୋଗୁ ଜମ୍ମୁ-କଶ୍ମୀରରେ ଆତଙ୍କବାଦୀଙ୍କ ଆର୍ଥିକ ନେଟୱାର୍କ ଏବଂ ନାର୍କୋ-ଆତଙ୍କବାଦକୁ କଡ଼ା ଆଘାତ ଲାଗିଛି ।

ଭଡ଼ା ବଢ଼ିବା ପରେ ୯ ଦିନରେ ୬ ଲକ୍ଷରୁ ଅଧିକ ଯାତ୍ରୀ କମିଲେ

ବେଙ୍ଗାଲୁରୁ,୧୮।୨: ଫେବୃଆରି ୯ ତାରିଖରୁ ଭଡ଼ା ବୃଦ୍ଧି କରିବା ପରେ ନମ୍ମା ମେଟ୍ରୋକୁ ବହୁତ କ୍ଷତି ସହିବାକୁ ପଡିଛି । ପ୍ରକୃତରେ, ଏହି କାରଣରୁ, ବାଙ୍ଗାଲୋର ମେଟ୍ରୋରେ ଯାତ୍ରୀଙ୍କ ସଂଖ୍ୟା ଫେବୃଆରି ୯ ତାରିଖରୁ ୧୮ ତାରିଖ ମଧ୍ୟରେ ୬ ଲକ୍ଷରୁ ଅଧିକ ହ୍ରାସ ପାଇଛି । ଟିକେଟ୍ ଦର ବୃଦ୍ଧି ପାଇବା ପରେ, ଲୋକମାନେ ବିକଳ୍ପ ପରିବହନର ମାଧ୍ୟମ ଗ୍ରହଣ କରିବା ଆରମ୍ଭ କରିଛନ୍ତି । ଏହି ପ୍ରସଙ୍ଗରେ, ବେଙ୍ଗାଲୁରୁ ସେଣ୍ଟ୍ରାଲ୍ ସାଂସଦ ପିସି ମୋହନ ସରକାରଙ୍କୁ ଦାୟୀ କରିଛନ୍ତି । ସେ କହିଛନ୍ତି ଯେ, ଏହା ଭୁଲ ପରିଚାଳନାର ପରିଣାମ, ଯାହାର ଗମ୍ଭୀର ପରିଣାମ ଭୋଗିବାକୁ ପଡିବ । ପିସି ମୋହନ ସୋସିଆଲ ମିଡିଆ 'ଏକ୍ସ'ରେ ପୋଷ୍ଟ କରି ନମ୍ମା ମେଟ୍ରୋର ଭଡ଼ା ବୃଦ୍ଧି ନେଇ କଡ଼ା ସମାଲୋଚନା କରି ସରକାରଙ୍କୁ ଟାର୍ଗେଟ କରିଛନ୍ତି । ସେ ଏଭଳି ପରିସ୍ଥିତି ପାଇଁ ସରକାରଙ୍କୁ ଦାୟୀ କରିଛନ୍ତି । ରାଜ୍ୟର କଂଗ୍ରେସ ନେତୃତ୍ୱାଧୀନ ସରକାର ଏଥି ପାଇଁ ଦୋଷୀ ବୋଲି ସେ ଅଭିଯୋଗ କରିଛନ୍ତି । କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରମୈୟା ଏହି ପ୍ରସଙ୍ଗ ପାଇଁ କେନ୍ଦ୍ର ସରକାରଙ୍କୁ ଦାୟୀ କରିଛନ୍ତି ଏବଂ କହିଛନ୍ତି ଯେ, ମେଟ୍ରୋ ଭଡ଼ା ବୃଦ୍ଧିରେ କେନ୍ଦ୍ର ସରକାରଙ୍କର ମଧ୍ୟ ଏକ ବଡ଼ ହାତ ଅଛି ।

ୟୁଟ୍ୟୁବରେ ଅଶ୍ଳୀଳ କଣ୍ଟେଣ୍ଟ ନେଇ କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ନୋଟିସ

ନୂଆଦିଲ୍ଲୀ,୧୮।୨: ୟୁଟ୍ୟୁବରେ ଆପତ୍ତିଜନକ କଣ୍ଟେଣ୍ଟ ରୋକିବା ପାଇଁ ଗାଇଡଲାଇନର ଆବଶ୍ୟକତା ପକ୍ଷରେ ସୁପ୍ରିମକୋର୍ଟ ମଙ୍ଗଳବାର ଜୋର ଦେଇଛନ୍ତି । ସର୍ବୋଚ୍ଚ ଅଦାଲତ କହିଛନ୍ତି, 'କିଛି ଗୋଟେ ପଦକ୍ଷେପ ନେବାର ଆବଶ୍ୟକତା ରହିଛି, ଅନଲାଇନ୍ ପ୍ଲାଟଫର୍ମକୁ ନିୟନ୍ତ୍ରଣ କରିବା ନିୟମର ଅଭାବ ଯୋଗୁ ୟୁଟ୍ୟୁବର୍ସ ଏହାର ଅପବ୍ୟବହାର କରୁଛନ୍ତି ।' ୟୁଟ୍ୟୁବର ରଣବୀର ଆହ୍ଲୁବାଦିଆଙ୍କ ଦ୍ୱାରା ଦାଖଲ ଆବେଦନ ଉପରେ ଶୁଣାଣି କରି କୋର୍ଟ ଏହି ଟିପ୍ପଣୀ କରିଛନ୍ତି । ସମୟ ରୈନାଙ୍କ ଶୋ ଇଣ୍ଡିଆସ୍ ଗଟ୍ ଲାଟେଣ୍ଟରେ ଦେଇଥିବା ମନ୍ତବ୍ୟ ଉପରେ ତାଙ୍କ ବିରୋଧରେ ଦେଶର ବିଭିନ୍ନ ସ୍ଥାନରେ ଏଫ୍‌ଆଇଆର୍ ରୁଜୁ ହୋଇଛି । ଏହି ସବୁ ଏଫ୍‌ଆଇଆରକୁ ଏକାଠି କରିବା ପାଇଁ ରଣବୀର ଆଲ୍ଲାବାଦିଆ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଏନ୍. କୋଟିଶ୍ୱର ସିଂହଙ୍କ ଖଣ୍ଡପୀଠ ଏ ମାମଲାରେ କେନ୍ଦ୍ର ସରକାରଙ୍କୁ ନୋଟିସ ଜାରି କରିଛନ୍ତି । ଏଥିରେ କୁହାଯାଇଛି ଯେ ୟୁଟ୍ୟୁବରେ ଅନଲାଇନ୍ କଣ୍ଟେଣ୍ଟକୁ ନିୟନ୍ତ୍ରଣ କରିବା ପାଇଁ ସରକାର ଯଦି କିଛି ପଦକ୍ଷେପ ନେବାକୁ ଯୋଜନା କରୁଛନ୍ତି, ତେବେ ଏଥିରେ ଖଣ୍ଡପୀଠ ଅଧିକ ଖୁସି ହେବେ । ଅନଲାଇନ୍ ପ୍ଲାଟଫର୍ମରେ ଅଶ୍ଳୀଳ କଣ୍ଟେଣ୍ଟକୁ ନିୟନ୍ତ୍ରଣ କରିବାରେ ଥିବା ଶୂନ୍ୟସ୍ଥାନକୁ ମୁକାବିଲା କରିବାରେ ସହଯୋଗ କରିବା ପାଇଁ ଆଟର୍ଣ୍ଣି ଜେନେରାଲ ଆର.ଭେଙ୍କଟରମଣୀ ଏବଂ ଏସ୍‌ଜି ତୁଷାର ମେହେତାଙ୍କୁ ଖଣ୍ଡପୀଠ କହିଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣିରେ ଏଜି ଏବଂ ଏସଜିଙ୍କୁ କୋର୍ଟରେ ଉପସ୍ଥିତ ରହିବା ପାଇଁ ଖଣ୍ଡପୀଠ କହିଛନ୍ତି । ଆଜିର ଶୁଣାଣି ବେଳେ ସୁପ୍ରିମକୋର୍ଟ ଆବେଦନକାରୀ ରଣବୀର ଆହ୍ଲୁବାଦିଆଙ୍କ ବୟାନକୁ କଡ଼ା ଶବ୍ଦରେ ଭର୍ତ୍ସନା କରିଥିଲେ । ଏହାସହ ବୟାନକୁ ତାଙ୍କର ବିକୃତ ମାନସିକତା ବୋଲି କହିଥିଲେ । ଇଣ୍ଡିଆସ୍ ଗଟ୍ ଲାଟେଣ୍ଟ ମାମଲାରେ ଆହ୍ଲାବାଦିଆଙ୍କ ବିରୋଧରେ ଅନ୍ୟ କୌଣସି ନୂତନ ମାମଲା ପଞ୍ଜୀକୃତ ନକରିବା ପାଇଁ କହିଥିଲେ । ମାମଲାର ଶୁଣାଣି ବେଳେ କୋର୍ଟ ନିର୍ଦ୍ଦେଶ ଦେଇ କହିଥିଲେ ଯେ ବିନା ଅନୁମତିରେ ଦେଶ ଛାଡ଼ିପାରିବେ ନାହିଁ ଏବଂ ପାସପୋର୍ଟକୁ ଥାଣେ ପୋଲିସ ଷ୍ଟେସନରେ ଦାଖଲ କରିବେ ।

ଯୋଗୀଙ୍କୁ ମମତାଙ୍କ କଡ଼ା ସମାଲୋଚନା: ମୃତ୍ୟୁକୁମ୍ଭରେ ପରିଣତ ହୋଇଛି ମହାକୁମ୍ଭ

ନୂଆଦିଲ୍ଲୀ।୧୮।୨: 'ମହାକୁମ୍ଭ ଏବେ ମୃତ୍ୟୁ କୁମ୍ଭରେ ପରିଣତ ହୋଇଛି । ଭିଆଇପି ଲୋକଙ୍କୁ ସ୍ୱତନ୍ତ୍ର ସୁବିଧା ଯୋଗାଇ ଦିଆଯାଉଛି । କିନ୍ତୁ ଗରିବ ଲୋକଙ୍କୁ ଏଥିରୁ ବଞ୍ଚିତ କରାଯାଉଛି । ଏଭଳି ବିବାଦୀୟ ବୟାନ ଦେଇଛନ୍ତି ମମତା ବାନାର୍ଜୀ । ପ୍ରୟାଗରାଜରେ ଚାଲିଥିବା ମହାକୁମ୍ଭକୁ ନେଇ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସରକାରଙ୍କୁ ସମାଲୋଚନା କରିଛନ୍ତି । ଦଳାଚକଟା ଘଟଣାର ଉଦାହରଣ ଦେଇ ମମତା ମହାକୁମ୍ଭକୁ 'ମୃତ୍ୟୁ କୁମ୍ଭ' ବୋଲି କହିଛନ୍ତି । କେବଳ ମମତା ବାନାର୍ଜୀ ନୁହନ୍ତି, ଅନେକ ବିରୋଧୀ ନେତା ମହାକୁମ୍ଭକୁ ନେଇ ମୁଖ୍ୟମନ୍ତ୍ରୀ ଯୋଗୀଙ୍କୁ ଆକ୍ରମଣ କରୁଛନ୍ତି । ବିଶୃଙ୍ଖଳା ଏବଂ କୁପରିଚାଳନାର ଅଭିଯୋଗ ଆଣିଛନ୍ତି । ମଙ୍ଗଳବାର ମମତା କହିଥିଲେ, 'ଆପଣ ଏତେ ବଡ଼ କାର୍ଯ୍ୟକ୍ରମ ଯୋଜନା କରିବା ଉଚିତ ନ ଥିଲା ।' ଦଳାଚକଟା ଘଟଣା ପରେ କୁମ୍ଭକୁ କେତେ କମିଶନ ପଠାଯାଇଥିଲା ? ପୋଷ୍ଟମର୍ଟମ ବିନା ମୃତଦେହଗୁଡ଼ିକୁ ପଠାଯାଇଥିଲା । ସେମାନେ କହିବେ ଯେ ଲୋକମାନେ ହୃଦଘାତରେ ମୃତ୍ୟୁବରଣ କରିଛନ୍ତି ଏବଂ ସେମାନଙ୍କୁ କୌଣସି କ୍ଷତିପୂରଣ ଦିଆଯିବ ନାହିଁ । ସେ କହିଥିଲେ, 'ଆପଣ ଦେଶକୁ ବିଭାଜନ କରିବା ପାଇଁ ଧର୍ମକୁ ବିକ୍ରି କରୁଛନ୍ତି ।' ଆପଣ ମୃତ୍ୟୁ ପ୍ରମାଣପତ୍ର ବିନା ମୃତଦେହ ପଠାଇଥିବାରୁ ଆମେ ଏଠାରେ ପୋଷ୍ଟମର୍ଟମ କରିଛୁ । ଏହି ଲୋକମାନେ କିପରି କ୍ଷତିପୂରଣ ପାଇବେ ? ପୂର୍ବରୁ, ସମାଜବାଦୀ ପାର୍ଟିର ବରିଷ୍ଠ ନେତା ଏବଂ ବିଧାୟକ ଶିବପାଲ ସିଂହ ଯାଦବ ମହାକୁମ୍ଭକୁ ନେଇ ୟୁପି ସରକାରଙ୍କ ଉପରେ କଡ଼ା ଆକ୍ରମଣ କରିଥିଲେ ।

ମାଆ ମୃତ୍ୟୁର ରହସ୍ୟ ଖୋଲିଲା କୁନି ଝିଅର ଚିତ୍ର
ବାପା ମାରି ଝୁଲାଇ ଦେଇଥିଲା, ବାନ୍ଧିଲା ପୋଲିସ

ନୂଆଦିଲ୍ଲୀ,୧୮।୨: ମା'ର ମୃତ୍ୟୁକୁ ଚିତ୍ରରେ ଚିତ୍ରଣ । କୁନି ଝିଅ ବଖାଣିଛି ମନର ବ୍ୟଥା । ମୁହଁ ଖୋଲି କହିପାରୁନି, ହେଲେ କୁନି ହାତରେ ଆଙ୍କି ଦେଉଛି । ଚିତ୍ର କହୁଛି, ମାଆକୁ ମାରିଛନ୍ତି ବାପା । ଆଉ ହତ୍ୟା ପରେ ଆତ୍ମହତ୍ୟା ଦର୍ଶାଇଛନ୍ତି । ଥଙ୍ଗ ଥଙ୍ଗ ହୋଇ କଥା କହୁଛି, ହେଲେ ଚିତ୍ର ମାଧ୍ୟମର ମାଆ ମୃତ୍ୟୁର ଗୁମର ଖୋଲି ଦେଇଛି ପାଞ୍ଚ ବର୍ଷୀୟା କୁନି ଝିଅ । ପୋଲିସ ସାମ୍ନାରେ ହତ୍ୟାକାଣ୍ଡର ପର୍ଦ୍ଦାଫାଶ କରିଛି । ଏ ଘଟଣା ହେଉଛି ମଧ୍ୟପ୍ରଦେଶ ଟିକମଗଡ଼ ଅଞ୍ଚଳର । ମାଆକୁ ବାପା ମାରପିଟ୍ କରିବା ପରେ ଡଣ୍ଡି ଚିପି କିପରି ହତ୍ୟା କରିଛନ୍ତି ଚିତ୍ର ଆଙ୍କି କହିଦେଇଛି କୁନି ଝିଅ । ଘଟଣା ଥିଲା କିଛି ଏହି ଭଳି । ମୃତ ସୋନାଲିଙ୍କ ଶାଶୁଘରୁ ବାପାଙ୍କ ଘରକୁ ପ୍ରଥମେ ଫୋନ୍ ଆସିଥିଲା, ସୋନାଲିଙ୍କ ଦେହ ଖରାପ ଅଛି, ତାଙ୍କୁ ଝାନ୍ସୀ ମେଡିକାଲ କଲେଜକୁ ନିଆଯାଇଛି । ପରିବାର ଲୋକ ହସ୍ପିଟାଲ ଯିବାକୁ ପ୍ରସ୍ତୁତ ହେଉଥିବାବେଳେ ପୁଣିରେ କଲ୍ ଆସିଥିଲା, ଯେ ଚିକିତ୍ସାଧୀନ ଅବସ୍ଥାରେ ସୋନାଲିଙ୍କ ମୃତ୍ୟୁ ହୋଇଛି । ସେ ଚାପଗ୍ରସ୍ତ ହୋଇ ଆତ୍ମହତ୍ୟା କରିଛନ୍ତି ବୋଲି ଶାଶୁଘରୁ ଲୋକ ସୂଚନା ଦେଇଥିଲେ । ହେଲେ ଏ ମନଗଢ଼ା କାହାଣୀ ବେଶୀ ସମୟ ଚାଲିପାରିନଥିଲା । ବାତ୍ସଲ୍ୟ ମମତାରୁ ବଞ୍ଚିତ ହୋଇଥିବା କୁନି ଝିଅ ମାଆ ଆତ୍ମହତ୍ୟା କାହାଣୀର ପର୍ଦ୍ଦାଫାଶ କରିଛି । ପାଞ୍ଚ ବର୍ଷୀୟା ଝିଅ ଦର୍ଶକା କାନ୍ଦି କାନ୍ଦି ଚିତ୍ର ମଧ୍ୟମରେ କହିବାକୁ ଚେଷ୍ଟା କରିଛି, ଯେ ବାପା ମାଆକୁ ମାରିବା ପରେ ଫାଶିରେ ଝୁଲାଇ ଦେଇଥିଲେ ।

ପୁଣି ଖଣ୍ଡ ଖଣ୍ଡ ହେବ ପାକିସ୍ତାନ : ମୌଲାନା ଫଜଲୁର

ଇସଲାମାବାଦ୧୮।୨: ଇସଲାମିକ ଧର୍ମଗୁରୁ ତଥା ପାକିସ୍ତାନୀ ସାଂସଦ ମୌଲାନା ଫଜଲୁର ରେହମାନ ପାକିସ୍ତାନକୁ ୧୯୭୧ ମସିହାର ବିଭାଜନ କଥା ମନେ ପକାଇ ଦେଇଛନ୍ତି, ଯେତେବେଳେ ପୂର୍ବ ପାକିସ୍ତାନ ଭାଙ୍ଗି ବାଂଲାଦେଶ ହୋଇଯାଇଥିଲା । ସେ କହିଛନ୍ତି ଯେ ବେଲୁଚିସ୍ତାନ ପାକିସ୍ତାନରୁ ଅଲଗା ହୋଇପାରେ । ମୌଲାନା ଫଜଲୁର ରେହମାନ ଦାବି କରିଛନ୍ତି ଯେ ବେଲୁଚିସ୍ତାନର ୫ରୁ ୭ଟି ଜିଲ୍ଲା ସ୍ୱାଧୀନତା ଘୋଷଣା କରିପାରନ୍ତି । ଭାରତ-ପାକିସ୍ତାନ ଯୁଦ୍ଧକୁ ଉଲ୍ଲେଖ କରି ସେ ଚେତାବନୀ ଦେଇଛନ୍ତି ଯେ ପୁଣି ଥରେ ସମାନ ପରିସ୍ଥିତି ଉପୁଜିପାରେ । ମୌଲାନା ଫଜଲୁର ରେହମାନ ଦାବି କରିଛନ୍ତି ଯେ ବେଲୁଚିସ୍ତାନର ୫ରୁ ୭ଟି ଜିଲ୍ଲା ସ୍ୱାଧୀନତା ଘୋଷଣା କରିପାରନ୍ତି । ଭାରତ-ପାକିସ୍ତାନ ଯୁଦ୍ଧକୁ ଉଲ୍ଲେଖ କରି ସେ ଚେତାବନୀ ଦେଇଛନ୍ତି ଯେ ପୁଣି ଥରେ ସମାନ ପରିସ୍ଥିତି ଉପୁଜିପାରେ । ସେ ପାକିସ୍ତାନର ନ୍ୟାସନାଲ ଆସେମ୍ବଲି (ଏନଏ)ରେ ପ୍ରକାଶ କରିଛନ୍ତି ଯେ ଯଦି ବେଲୁଚିସ୍ତାନର ଜିଲ୍ଲାଗୁଡ଼ିକ ସ୍ୱାଧୀନତା ଘୋଷଣା କରନ୍ତି, ତେବେ ଜାତିସଂଘ ସେମାନଙ୍କ ସ୍ୱାଧୀନତାକୁ ସ୍ୱୀକୃତି ଦେଇପାରିବ । ଏହାବ୍ୟତୀତ ସେନାକୁ ଟାର୍ଗେଟ କରି ସେ କହିଛନ୍ତି ଯେ କିଛି ଶକ୍ତିଶାଳୀ ବ୍ୟକ୍ତି ବନ୍ଦ କୋଠରୀରେ ନିଷ୍ପତ୍ତି ନିଅନ୍ତି, ଯାହାକୁ ସରକାର ଗ୍ରହଣ କରିବାକୁ ବାଧ୍ୟ ହୁଅନ୍ତି । ପାକିସ୍ତାନର ଉତ୍ତର-ପଶ୍ଚିମ ଅଞ୍ଚଳ କୁରମରେ ପୁଣି ଥରେ ହିଂସାକାଣ୍ଡ ଘଟିଥିବା ବେଳେ ସେ ଏଭଳି ବୟାନ ଦେଇଛନ୍ତି । ଏହି ଅଞ୍ଚଳ ଦଶନ୍ଧି ଧରି ପାକିସ୍ତାନରେ ସିଆ-ସୁନ୍ନି ସଂଘର୍ଷର କେନ୍ଦ୍ରବିନ୍ଦୁ ପାଲଟିଛି । ନଭେମ୍ବରରୁ ଆରମ୍ଭ ହୋଇଥିବା ଏହି ନୂଆ ଲଢ଼େଇରେ ଏପର୍ଯ୍ୟନ୍ତ ୧୫୦ ଜଣଙ୍କ ମୃତ୍ୟୁ ଘଟିଛି । ଏହା ଆଫଗାନିସ୍ତାନ ସୀମାରେ ଥିବା ପାକିସ୍ତାନର ଏକ ପାହାଡ଼ିଆ ଅଞ୍ଚଳ । ଅତ୍ୟଧିକ ସଶସ୍ତ୍ର ଯୋଦ୍ଧାଙ୍କ ସହ ସଂଘର୍ଷ ଏହାକୁ ଦୁନିଆରୁ ପ୍ରାୟ ବିଚ୍ଛିନ୍ନ କରିଦେଇଛି । ବାରମ୍ବାର ଅସ୍ତ୍ରବିରତି ପାଇଁ ଉଦ୍ୟମ କରାଯାଇଥିଲେ ମଧ୍ୟ ହିଂସା କମିନାହିଁ ।

ଅଗଷ୍ଟା ୱେଷ୍ଟଲାଣ୍ଡ ଲାଞ୍ଚ ମାମଲାରେ ମିସେଲ

ସ୍ତ୍ରୀ ଆଗରେ ସ୍ୱାମୀକୁ ପିଟିପିଟି ହତ୍ୟା ଘଟଣା

ଥାନା ଆଗରେ ଶବ ରଖି ବିକ୍ଷୋଭ ପ୍ରଦର୍ଶନ

କଟକ(ନିପ୍ର): ଏକ ପାଚେରି ନିର୍ମାଣକୁ କେନ୍ଦ୍ର କରି ସ୍ତ୍ରୀ ଆଗରେ ପିଟି ପିଟି ସ୍ୱାମୀକୁ ହତ୍ୟା ଘଟଣାରେ ଅଭିଯୁକ୍ତମାନଙ୍କୁ ଗିରଫ ଦାବିରେ ଗୁରୁଡ଼ିଝାଟିଆ ଥାନା ଆଗରେ ମୃତ ଦେହକୁ ରଖି ଦଳିତ-ଆଦିବାସୀ ମହାସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଗାଁରୁ ଶବ କାନ୍ଧେଇ ୫ କିଲୋମିଟର ଚାଲି ଚାଲି ଆସି ଥାନା ଆଗରେ ଆଦିବାସୀ ଲୋକମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ସୂଚନା ଅନୁଯାୟୀ, ଗତ ୧୬ ତାରିଖରେ ଗୁରୁଡ଼ିଝାଟିଆ ଥାନା ଓରିଙ୍ଗାବାଡ଼ି ଗାଁରେ ଜାଗା ବିବାଦକୁ ନେଇ ଆଦିବାସୀ ଯୁବକ ହତ୍ୟାକାଣ୍ଡ ଘଟଣାରେ ଅଭିଯୁକ୍ତଙ୍କୁ ଗିରଫ ଦାବି କରିବା ନେଇ ଦଳିତ-ଆଦିବାସୀ ମହାସଂଘ ପକ୍ଷରୁ ଗୁରୁଡ଼ିଝାଟିଆ ଥାନା ସମ୍ମୁଖରେ ଶବ ରଖି ପ୍ରତିବାଦ କରିଛନ୍ତି । ପରିବାର ଲୋକଙ୍କ ସହ ଏସି-ଏସଟି ମହାସଂଘ ସାମିଲ ହୋଇ ତୁରନ୍ତ ଆଦିବାସୀ ପରିବାରକୁ ନ୍ୟାୟ ଦେବା ସହ ଘଟଣାରେ ସଂପୃକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିବା ନେଇ ଦାବି କରିଥିଲେ । ସ୍ଥାନୀୟ ଗୁରୁଡ଼ିଝାଟିଆ ଥାନା ଅନ୍ତର୍ଗତ ଓରିଙ୍ଗାବାଡ଼ି ଗାଁରେ ପାଚେରୀ ନିର୍ମାଣକୁ ଗାଁର କିଛି ଆଦିବାସୀ ଶ୍ରେଣୀର ଲୋକେ ବିରୋଧ କରୁଥିଲେ । ଏହି ଘଟଣାକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀ ମୁହାଁମୁହିଁ ହେବା ସହ ମାଡ଼ ମରାମରି ହୋଇଥିଲେ । ଘଟଣା ସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଦୁଇଜଣ ଗୁରୁତର ଅବସ୍ଥାରେ କଟକରେ ଚିକିତ୍ସିତ ହେଉଛନ୍ତି । ମୃତକ ଜଣକ ହେଲେ ଓରିଙ୍ଗାବାଡ଼ି ଗାଁର ବିକ୍ରମ ଜେରାଇ । ଏହି ଘଟଣା ଘଟାଇଥିବା ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବାକୁ ଦଳିତ ଆଦିବାସୀ ମହାସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଚୌଦ୍ୱାର ଏସଡ଼ିପିଓ ମୃତକଙ୍କ ପରିବାର ଲୋକଙ୍କ ସହ ଆଲୋଚନା କରିଥିବା ଜଣା ପଡ଼ିଛି ।

କେନ୍ଦ୍ରୀୟ ଦଳର ଫାଇଲେରିଆ ନିରାକରଣ ସମୀକ୍ଷା

ଆଠଗଡ଼(ନିପ୍ର): ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟ ଆନୁକୂଲ୍ୟରେ ଆୟୋଜିତ ଫାଇଲେରିଆ ନିରାକରଣ ଅଭିଯାନ କାର୍ଯ୍ୟକ୍ରମକୁ କେନ୍ଦ୍ର ଓ ରାଜ୍ୟ ମିଳିତ ଦଳ ପକ୍ଷରୁ ପରିଦର୍ଶନ କରାଯିବା ସହ ପ୍ରଶଂସା କରାଯାଇଛି । କେନ୍ଦ୍ରୀୟ ଦଳର ମୁଖ୍ୟ ଡାକ୍ତର ବଦ୍ରି ଥାପା ପ୍ରାରମ୍ଭରେ ଆଠଗଡ଼ ଡ଼ାକ୍ତରଖାନା ପରିସରରେ ଥିବା ସାମୁହିକ ଔଷଧ ସେବନ କେନ୍ଦ୍ର ଓ ଫାଇଲେରିଆ କ୍ଲିନିକ୍ ପରିଦର୍ଶନ କରିବା ସହ ସମୀକ୍ଷା କରିଥିଲେ । ଏଥିସହ କନ୍ତୋଳର ବିଭିନ୍ନ ୱାର୍ଡକୁ ଯାଇ କନ୍ତୋଳ ମଙ୍ଗଳା ମନ୍ଦିର ପରିସରରେ ଏକ ସ୍ୱତନ୍ତ୍ର ସଂଧ୍ୟାକାଳୀନ ସଚେତନତା ଓ ଔଷଧ ସେବନ କାର୍ଯ୍ୟକ୍ରମରେ ଯୋଗଦାନ କରି ସର୍ବପ୍ରଥମେ ନିଜେ ଔଷଧ ସେବନ କରି ଅନ୍ୟମାନଙ୍କୁ ଔଷଧ ସେବନ କରାଇବାରେ ପ୍ରେରଣା ସୃଷ୍ଟି କରିଥିଲେ । ଏହି ଅବସରରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଡାକ୍ତର ଶ୍ୟାମବନ୍ଧୁ ରଥ, ଡାକ୍ତର ଦୀପକ କୁମାର କର, ଡାକ୍ତର ବିଶ୍ୱ ପ୍ରକାଶ ଦତ୍ତ, ଡାକ୍ତର ସୁଧାଂଶୁ କୁମାର ଦାସ, ଡାକ୍ତର ପ୍ରଭାକର ସାହୁ, ଡାକ୍ତର ସୁବ୍ରତ ପଣ୍ଡାଙ୍କ ସମେତ ଜିଲ୍ଲାର ଡାକ୍ତର ରଂଜନ କୁମାର ସିଂ, ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ଦୀପକ କୁମାର ସାହୁ, ତୃପ୍ତିରାଣୀ ନାୟକ, ମନ୍ଦାକିନୀ ବେହେରା ଉକ୍ତ କାର୍ଯ୍ୟକ୍ରମକୁ ପରିଦର୍ଶନ କରିବା ସହ ଜନସାଧାରଣଙ୍କୁ ଔଷଧ ସେବନ ବିଷୟରେ ବୁଝାଇଥିଲେ । ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟର ଅଧ୍ୟକ୍ଷ ଡାକ୍ତର ବିଜୟ କୁମାର ମିଶ୍ର, କନିଷ୍ଠ ପରିଚାଳିକା ପୂଜାଲିନ ମିଶ୍ର, କାର୍ଯ୍ୟକ୍ରମ ସଂଯୋଜକ ମହମ୍ମଦ ଅସଲମ ଔଷଧ ସେବନ ବିଷୟରେ ବିବରଣୀ ପ୍ରଦାନ କରିବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ସମସ୍ତ ପରିଦର୍ଶକ, ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ, ଅଙ୍ଗନବାଡ଼ି କର୍ମୀ, ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀ ଓ ସମସ୍ତ ୱାର୍ଡର କାଉନସିଲର ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

ଏସ୍‌ଡିପିଓ ଭାବେ ଦାୟିତ୍ୱ ନେଲେ ସନ୍ତୋଷ ଜେନା

ଆସିକା(ନିପ୍ର): ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ଭାବେ ନୂତନ ଏସ୍‌ଡିପିଓ ସନ୍ତୋଷ କୁମାର ଜେନା ଦାୟିତ୍ୱ ଗ୍ରହଣ କରିଛନ୍ତି । ଉପଖଣ୍ଡ ଅଧୀନରେ ଥିବା ସମସ୍ତ ଥାନା ଇଲାକାରେ ଶାନ୍ତିଶୃଙ୍ଖଳା ରକ୍ଷା, ଅପରାଧୀଙ୍କ ଦୃଢ଼ ହସ୍ତରେ ଦମନ ଓ ସେମାନଙ୍କ ଗତିବିଧି ଉପରେ ନଜର, ବେଆଇନ ମଦ ଧରପଗଡ଼, ଲଘୁ ଖଣିଜ ସମ୍ପଦ ଚୋରା ଚାଲାଣକୁ ରୋକିବା ଏବଂ ଜନସାଧାରଣଙ୍କ ସହ ଉତ୍ତମ ସଂପର୍କ ରକ୍ଷାକୁ ପ୍ରାଥମିକତା ଦିଆଯିବ ବୋଲି ଶ୍ରୀ ଜେନା କହିଛନ୍ତି । ସେ ଏଥି ପୂର୍ବରୁ ଆସିକା ଥାନା ଅଧିକାରୀ ଭାବେ ନିଜ କାର୍ଯ୍ୟ ସୁଚାରୁରୂପେ ତୁଲାଇଥିଲେ । ବର୍ତ୍ତମାନ ସେ ଡ଼ିଏସପି ପିସିଆର ସେଲ ଜଗତସିଂହପୁରରେ କାର୍ଯ୍ୟରତ ଥିଲେ ।

ଜମିବାଡି ବିବାଦରୁ ଯୁବକଙ୍କୁ ଗୁଳିମାଡ ଘଟଣା

ମୁଖ୍ୟ ଅଭିଯୁକ୍ତ ମାନସ ଗିରଫ

ଭୁବନେଶ୍ୱର(ନିପ୍ର): ଜମି ବିବାଦକୁ କେନ୍ଦ୍ରକରି ଯୁବକଙ୍କୁ ଗୁଳିମାଡ କରି ଫେରାର ଥିବା ମୁଖ୍ୟ ଅଭିଯୁକ୍ତକୁ ଧରିବାରେ ସଫଳ ହୋଇଛି ବଡଗଡ ଥାନା ପୁଲିସ । ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ଖଣ୍ଡଗିରି ଥାନା ନିକଟସ୍ଥ ସୁଦର୍ଶନ ଏନକ୍ଲେଭରେ ମାନସ କୁମାର ଭୋଇ(୨୦) । ତାଙ୍କୁ ମଙ୍ଗଳବାର ଦିନ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି । ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯିବା ସହ ପୁଲିସ ତିନୋଟି ଫୋନ ଜବତ କରିଛି । ବଡଗଡ଼ ଥାନା ପୁଲିସ ଅଭିଯୋଗକାରୀ ଦେବାଶିଷ ଦାଶଙ୍କ ଅଭିଯୋଗ କ୍ରମେ ମାମଲାର ତଦନ୍ତ କରିବା ସହିତ ନିମ୍ନୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ଜଣକ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ରଙ୍ଗମାଟିଆ ଅଞ୍ଚଳରେ ରହୁଥିବା ବେଳେ, ତାଙ୍କର ବିଜେବି ନଗର, ପ୍ଲଟ ନମ୍ବର-୬୯୫/୭୩୪ ରେ ସ୍ମାର୍ଟ ଓଡ଼ିଶା ନାମରେ ଏକ ରିଏଲ ଇଷ୍ଟେଟର କାର୍ଯ୍ୟାଳୟ ରହିଛି । ପୂର୍ବରୁ ନିମ୍ନୋକ୍ତ ଅଭିଯୁକ୍ତ ଜଣକ କଟକ ଅଞ୍ଚଳରେ ଜମି ଯୋଗାଇଦେବା ଲାଗି ଅଭିଯୋଗକାରୀଙ୍କ ନିକଟରୁ ମୋଟ ୨୫ ଲକ୍ଷ ଟଙ୍କା ନେଇଥିଲେ । ସ୍ଥାରିକୃତ ସମୟସୀମା ଅତିକ୍ରାନ୍ତ କରିଯାଇଥିଲେ ମଧ୍ୟ ଅଭିଯୁକ୍ତ ଜଣକ ଅଭିଯୋଗକାରୀଙ୍କୁ କୌଣସି ଜମି ଯୋଗାଇ ନପରିବାରୁ ଅଭିଯୋଗକାରୀ ତାଙ୍କୁ ଟଙ୍କା ଫେରାଇ ଦେବାଲାଗି କହିଥିଲେ । ଗତ ତା.୨୩.୦୧.୨୦୨୫ ରିଖ ଦିନ ଅଭିଯୁକ୍ତ ଜଣକ ନିଜର କିଛି ସହଯୋଗୀଙ୍କ ସହ ମିଶି ଅଭିଯୋଗକାରୀଙ୍କ ବିଜେବି ନଗରସ୍ଥିତ କାର୍ଯ୍ୟାଳୟକୁ ଆସି ଟଙ୍କା ଫେରସ୍ତ ନେଇ ଏକ କୋର୍ଟ ପେପରରେ ଦସ୍ତଖତ କରିବା ଲାଗି କହିଥିଲେ । ଅଭିଯୋଗକାରୀ ଅଭିଯୁକ୍ତଙ୍କ କଥାରେ ସମ୍ମତି ପ୍ରକାଶ ନକରିବାରୁ, ଅଭିଯୁକ୍ତ ଏବଂ ତାଙ୍କ ସହଯୋଗୀ ମାନେ ଅଭିଯୋଗକାରୀ ତଥା ଅଫିସ କର୍ମଚାରୀ ମାନଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିବା ସହିତ ଅଭିଯୋଗକାରୀଙ୍କ ସହଭାଗୀ (ପାର୍ଟନର)ଙ୍କୁ ଲକ୍ଷ କରି ଗୁଳି ଫୁଟାଇଥିଲେ । ଏହି ଘଟଣାରେ ସମ୍ପୃକ୍ତ ସହଭାଗୀ ଜଣକ ଗୁରୁତର ଆହତ ହୋଇ ଭୁବନେଶ୍ୱରସ୍ଥିତ ଏକ ବେସରକାରୀ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବା ଜଣାପଡିଛି । ଏହି ଘଟଣାକୁ କେନ୍ଦ୍ରକରି ଗତ ତା.୨୩.୦୧.୨୦୨୫ ରିଖ ଦିନ ବଡଗଡ଼ ଥାନା କେସ ନମ୍ବର ୪୦/୨୦୨୫ରେ ଏକ ମାମଲା ରୁଜୁ ହୋଇଥିବା ବେଳେ, ଏହାର ତଦନ୍ତ କାର୍ଯ୍ୟ ଚାଲୁ ରହିଛି । ଘଟଣା ଘଟାଇବା ପରେ ସମସ୍ତ ଅଭିଯୁକ୍ତ ଘଟଣା ସ୍ଥଳ ଛାଡି ଫେରାର ହୋଇଯାଇଥିଲେ । ପରେ ନିମ୍ନୋକ୍ତ ଅଭିଯୁକ୍ତ ଜଣକ ଅଭିଯୋଗକାରୀଙ୍କୁ ହ୍ୱାଟ୍‌ଆପ ଜରିଆରେ ଯୋଗାଯୋଗ କରି ପୂର୍ବରୁ ଥାନାରେ ଦିଆଯାଇଥିବା ଅଭିଯୋଗକୁ ପ୍ରତ୍ୟାହାର କରିନେବା ଲାଗି ଧମକ ଦେବା ସହିତ ଅଧିକ ୧ କୋଟି ଟଙ୍କା ଦେବା ଲାଗି ଦାବୀ କରିଥିଲେ ଏବଂ ଅଭିଯୋଗ ପ୍ରତ୍ୟାହାର ନକଲେ ତାଙ୍କୁ ଓ ତାଙ୍କ ପରିବାର ସଦସ୍ୟଙ୍କୁ ଜୀବନରୁ ମାରିଦେବେ ବୋଲି ଧମକ ମଧ୍ୟ ଦେଇଥିଲେ । ଏନେଇ ଅଭିଯୋଗ ହେବା ପରେ, ବଡଗଡ଼ ଥାନା ପୁଲିସ ମାମଲାର ତଦନ୍ତ କରିବା ସହିତ, ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ବାଲେଶ୍ୱର ସ୍ଥିତ ବୋଷନଗର ଅଞ୍ଚଳରେ ଚଢାଉ କରି ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିବା ବେଳେ ତାଙ୍କ ହେପାଜତରୁ ୩ଟି ମୋବାଇଲ ଫୋନ ଜବତ କରିଥିଲେ । ପଚରାଉଚରା ବେଳେ ଅଭିଯୁକ୍ତ ଜଣକ ନିଜର ଅପରାଧ ସ୍ୱୀକାର କରିଥିଲେ ।

ଷ୍ଟାଡିୟମ ଭିତରକୁ ବୋମାମାଡ଼

ପୁରୀ(ନିପ୍ର): ଷ୍ଟାଡିୟମ ଭିତରକୁ ବୋମାମାଡ ହୋଇଥିବା ଖବର ମିଳିଛି । ପୁରୀ ଶ୍ରୀଜଗନ୍ନାଥ କ୍ରିକେଟ୍ ଷ୍ଟାଡିୟମ ଭିତରକୁ ବୋମାମାଡ ହୋଇଛି । ଷ୍ଟାଡିୟମ ଭିତରେ ଛତିଶା ନିଯୋଗ ଓ ଜିଲ୍ଲା ପ୍ରଶାସନ ଆନୁକୁଲ୍ୟରେ ସେବାୟତ ପ୍ରିମିଅର ଲିଗ୍ ମ୍ୟାଚ ଚାଲିଥିବା ବେଳେ ଫୁଟିଛି ବୋମା । ବୋମାର ପ୍ରଚଣ୍ଡ ଶବ୍ଦ ଶୁଣି ସେବାୟତ ଓ ସ୍ଥାନୀୟ ବାସିନ୍ଦା ଭୟଭୀତ ହୋଇପଡିଥିଲେ । ଖବରପାଇ ଘଟଣାସ୍ଥଳରେ ଅତିରିକ୍ତ ଏସପି, ସିଟି ଡିଏସପି, ସମୁଦ୍ରକୂଳ ଥାନା ଆଇଆଇସି ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ତେବେ ଗୋଟିଏ ବୋମା ଷ୍ଟାଡିୟମ ବାହାରେ ଫୁଟିଥିବା ବେଳେ ଦୁଇଟି ବୋମା ଷ୍ଟାଡିୟମ ଭିତରକୁ ଫୋପାଡିଥିଲେ ଦୁର୍ବୃତ୍ତ । ସେହିପରି ଷ୍ଟାଡିୟମ ବାହାରେ ଏକ ବ୍ୟାଗରେ ମଧ୍ୟ ଗୋଟିଏ ବୋମା ଥିବା ଦେଖିବାକୁ ମିଳିଥିଲା । ଘଟଣାସ୍ଥଳରେ ବୋମା ନିଷ୍କ୍ରିୟକାରୀ ଦଳ ପହଞ୍ଚି ତିନୋଟି ଅଫୁଟା ବୋମା ଜବତ କରିଛନ୍ତି । ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ ଗୋଟିଏ ବାଇକରେ ଦୁଇଜଣ ଦୁର୍ବୃତ୍ତ ଆସି ବୋମାମାଡ କରି ଫେରାର ହୋଇଯାଇଛନ୍ତି । ତେବେ ଷ୍ଟାଡିୟମର ଅତି ନିକଟରେ ପେଣ୍ଟକଟା ଫାଣ୍ଡି ଥିବାବେଳେ ଦୁର୍ବୃତ୍ତମାନେ ବୋମା ମାଡ଼ କରିବାକୁ କିଭଳି ସାହାସ କଲେ ସେନେଇ ସେବାୟତମାନେ ପ୍ରଶ୍ନ ଉଠାଇଛନ୍ତି । ସେପଟେ ଘଟଣାର ତଦନ୍ତ ପରେ ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି ।

ମାନସିକ ରୋଗୀଙ୍କ ଉନ୍ମୁତ୍ତକାଣ୍ଡ

ନାକେଦମ ହେଲେ ପୋଲିସ ଓ ଅଗ୍ନିଶମ ବାହିନୀ

କଟକ(ନିପ୍ର): ସ୍ଥାନୀୟ ରାଣୀହାଟ କେନାଲ ରୋଡ଼ରେ ଜଣେକ ମାନସିକ ରୋଗୀ ଉନ୍ମୁକ୍ତ କାଣ୍ଡ କରିଛନ୍ତି । କେନାଲ ରୋଡ଼ରେ ଥିବା ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ପାଇଁ ଆସିଥିବା ମାନସିକ ରୋଗୀ ପାଇଁ ଆଜି ହସ୍ପିଟାଲ କର୍ମଚାରୀ, ଅଗ୍ନିଶମ ବାହିନୀ ଓ ମାଲଗୋଦାମ ଥାନା ପୋଲିସକୁ ନାକେଦମ ହେବାକୁ ପଡ଼ିଛି । ସୋମବାର ରାତିରେ ସିଡ଼ିଏ ଅଂଚଳର ଜଣେ ମାନସିକ ରୋଗୀ ଚିକିତ୍ସା ପାଇଁ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ମଙ୍ଗଳବାର ଡାକ୍ତର ଚିକିତ୍ସା କରିବା ପରେ ହଠାତ ମାନସିକ ରୋଗୀ ଜଣକ ଏକ ଘର ଭିତରକୁ ପଶିଯାଇ କବାଟ ବନ୍ଦ କରିଦେବା ସହ ସେହି ଘର ଛାତ ଉପରେ ଥିବା ଏକ ତାଜା ଭିତରେ ପଶି ଯାଇଥିଲେ । ତାଙ୍କୁ ହସ୍ପିଟାଲ କର୍ତ୍ତୃପକ୍ଷ ଉଦ୍ଧାର କରିବାକୁ ଚେଷ୍ଟା କରିବାରୁ ମାନସିକ ରୋଗୀ ଜଣକ ତାଜା ଭିତରେ ଥିବା କାଚ ସାମଗ୍ରୀକୁ ଫୋପାଡ଼ିବା ଆରମ୍ଭ କରିଥିଲେ । ଏହାପରେ ନର୍ସିଂହୋମ କର୍ତ୍ତୃପକ୍ଷ ଭୟଭୀତ ହୋଇ ମାଲଗୋଦାମ ଥାନାକୁ ଖବର ଦେଇଥିଲେ । ପୋଲିସ ପହଞ୍ଚିବା ସହ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଦୀର୍ଘ ଦେଢ଼ ଘଂଟା କାଳ ସଂଘର୍ଷ କରିବା ପରେ ମାନସିକ ରୋଗୀ କାବୁ କରିବାରେ ସଫଳ ହୋଇଥିଲେ । ପରେ ମାନସିକ ରୋଗୀକୁ ଉଦ୍ଧାର କରି ବସାଇବା ପରେ ପରିବାର ଲୋକଙ୍କ ଜିମା ଦେଇଥିଲେ । ପରିବାର ଲୋକ ମାନସିକ ରୋଗୀଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ମେଡ଼ିକାଲକୁ ନେଇଥିବା ଜଣାପଡ଼ିଛି । ତେବେ ମାନସିକ ରୋଗୀଙ୍କ ଉତ୍ପାତରେ ସମଗ୍ର ଅଞ୍ଚଳରେ କିଛି ସମୟ ପାଇଁ ଭୟର ବାତାବରଣ ଖେଳିଯାଇଥିଲା ।

ଓପିଡି ଟିକେଟରେ କଳାବଜାରୀ: ପୁଣି ଦଲାଲକୁ ବାନ୍ଧିଲା ପୁଲିସ

ଭୁବନେଶ୍ୱର(ନିପ୍ର): ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ମାତିଛନ୍ତି ଟିକେଟ୍ ଦଲାଲ ଗ୍ୟାଙ୍ଗ୍ । ଓପିଡି ଟିକେଟରେ କଳାବଜାରୀ କରିବା ଘଟଣାରେ ପୁଣି ଜଣେ ଦଲାଲକୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ । ଗିରଫ ଦଲାଲ ଜଣଙ୍କ ହେଲେ ପଶ୍ଚିମବଙ୍ଗ ମେଦିନପୁରର ଶକ୍ତିପଦ ମାରି(୪୯) । ତାଙ୍କୁ ମଙ୍ଗଳବାର ଦିନ କୋର୍ଟ ଚାଲାଣ କରାଯାଇଛି । ପୂର୍ବରୁ ଟିକେଲ କଳାବଜାରୀ କରିବା ଘଟଣାରେ ୨୦ ରୁ ଅଧିକ ଦଲାଲଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା କମିଶନରେଟ୍ ପୁଲିସ । ଖଣ୍ଡଗିରୀ ଥାନା ପୁଲିସ ଉପରୋକ୍ତ ମାମଲାରେ ସମ୍ପୃକ୍ତ ଥିବା ଅଭିଯୋଗରେ ନିମ୍ନୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ସୂଚନାଯୋଗ୍ୟ ଯେ, ଏକ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଆଧାରରେ ଖଣ୍ଡଗିରୀ ଥାନାଧିକାରୀଙ୍କ ନିର୍ଦ୍ଦେଶ ମୁତାବକ ସମ୍ପୃକ୍ତ ଥାନାର ଏକ ଟିମ ଏମ୍ସ ହସ୍ପିଟାଲ ପରିସର ମଧ୍ୟରେ ଅତର୍କିତ ଚଢଉ କରିବା ସହିତ ଓପିଡ଼ି ଟିକେଟ ଦଲାଲି କରୁଥିବା ଅଭିଯୋଗରେ ନିମ୍ନୋକ୍ତ ଜଣେ ଅଭିଯୁକ୍ତଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ । ଅଭିଯୁକ୍ତ ଜଣକ ପଶ୍ଚିମଙ୍ଗ ବାସିନ୍ଦା ହୋଇଥିବା ବେଳେ, ରାଜ୍ୟ ବାହାରୁ ଏମ୍ସ ହସ୍ପିଟାଲକୁ ଚିକିତ୍ସା ଲାଗି ଆସୁଥିବା ବିଭିନ୍ନ ରୋଗୀ ତଥା ସେମାନଙ୍କ ଆଟେଣ୍ଡାଣ୍ଟ ମାନଙ୍କୁ ଉକ୍ତ ହସ୍ପିଟାଲର ଜଣେ କର୍ମଚାରୀର ପରିଚୟ ଦେଇ ଖୁବ କମ ସମୟ ମଧ୍ୟରେ ଟିକଟ କରାଇ ଦେବା, ଭଲ ଡାକ୍ତରଙ୍କ ସହିତ ପରାମର୍ଶ କରାଇଦେବା ତଥା ଅନ୍ୟାନ୍ୟ ହସ୍ପିଟାଲ ପରିସର ମଧ୍ୟରେ ଅନ୍ୟାନ୍ୟ ସୁବିଧା ସୁଯୋଗମାନ ଉପଲବ୍ଧ କରାଇଦେବାର ପ୍ରତିଶ୍ରୁତି ଦେଇ ସେମାନଙ୍କ ନିକଟରୁ ମୋଟା ଅଙ୍କର ଟଙ୍କା ହଡପ କରିବା ଭଳି କାର୍ଯ୍ୟ କରୁଥିବା ନେଇ ପୁଲିସ ଜାଣିବାକୁ ପାଇଥିଲେ । ଛାନଭିନ ସମୟରେ ପୁଲିସ ଅଭିଯୁକ୍ତଙ୍କ ହେପାଜତରୁ ବିଭିନ୍ନ ରୋଗୀଙ୍କର ୫ଟି ଆଧାର କାର୍ଡ ଏବଂ ଏକ ଓପିଡ଼ିଟିକେଟ ଜବତ କରିଥିଲେ । ପଚରାଉଚରା ବେଳେ ଅଭିଯୁକ୍ତ ଜଣକ ନିଜ ଦୋଷ ସ୍ୱୀକାର କରିଥିଲେ । ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଜାରି ରହିଛି ।

।।।।।।।।।।।।।।।।।।।। କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ।।।।।।।।।।।।।।।।।।।।

ନେତାଜୀ ବସ୍ ଟର୍ମିନାଲରେ ରକ୍ଷଣାବେକ୍ଷଣ ଠପ୍

କଟକ(ନିପ୍ର): ସ୍ଥାନୀୟ ନେତାଜୀ ବସ ଟର୍ମିନାଲରେ ରକ୍ଷଣାବେକ୍ଷଣ ଠପ ହେବା ଯୋଗୁ ଯାତ୍ରୀମାନେ ହନ୍ତସନ୍ତ ହେବାର ଦେଖିବାକୁ ମିଳିଛି । ମେଣ୍ଟେନାନ୍ସ ସେବାରେ ଥିବା ଡିଭିଜି ସଂସ୍ଥାର କର୍ମଚାରୀମାନେ ମଙ୍ଗଳବାର ଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଫଳରେ ନେତାଜୀ ବସ ଟର୍ମିନାଲରେ ରକ୍ଷଣାବେକ୍ଷଣ ସେବା ସଂପୂର୍ଣ୍ଣ ଭାବେ ଠପ ହୋଇଯାଇଛି । ସୂଚନା ଥାଉ କି, ପ୍ରାୟ ୧୫୦ କର୍ମଚାରୀ ବସ ଟର୍ମିନାଲରେ ପ୍ରବେଶ ଓ ପ୍ରସ୍ଥାନ ପଥରେ ଯାଂଚ, ଟିକେଟ ବୁକିଂ, ପ୍ରବେଶ ଓ ପ୍ରସ୍ଥାନରେ ଗାଡ଼ି ନିୟନ୍ତ୍ରଣ, ସୌଚାଳୟ ସଫାସୁତୁରା ଏବଂ ଆହାର କେନ୍ଦ୍ରର ରକ୍ଷଣାବେକ୍ଷଣ କାମରେ ନିୟୋଜିତ ଅଛନ୍ତି । ମାତ୍ର, ସଂପୃକ୍ତ ସଂସ୍ଥା କର୍ମଚାରୀମାନଙ୍କୁ ନିୟମିତ ଭାବେ ଦରମା, ପ୍ରୋଭିଡେଣ୍ଟ ଫଣ୍ଡ, ଇଏସଆଇ ଏବଂ ଗ୍ରାଚ୍ୟୁଇଟି ଆଦି ଦେଉନଥିବା ଅଭିଯୋଗ ହୋଇଛି । ତେଣୁ କର୍ମଚାରୀମାନେ ଆଜି କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇ ଥିବାର ଜଣାପଡ଼ିଛି । ଫଳରେ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

ବିଦ୍ୟାଳୟରେ ଛାତ୍ରଙ୍କୁ ନିର୍ଯାତନା

ସହି ନ ପାରି କାନ୍ଥଡେଇଁ ୧୫ କିଲୋମିଟର ଚାଲି ଚାଲି ଗଲେ ଛାତ୍ର

ନବରଙ୍ଗପୁର(ନିପ୍ର): ଆଶ୍ରମ ବିଦ୍ୟାଳୟରେ ଛାତ୍ରଙ୍କୁ ନିର୍ଯାତନା ହୋଇଥିବା ଅଭିଯୋଗ ହୋଇଛି । ନିର୍ଯାତନା ସହି ନ ପାରି ସ୍କୁଲ କାନ୍ଥ ଡେଇଁ ୧୫ କିମି ଚାଲିଚାଲି ଗଲେ ତିନି ଜଣ ଛାତ୍ର । ହଷ୍ଟେଲରେ ଭଲ ଖାଦ୍ୟ ଦେଉନାହାନ୍ତି, ଉପର ଶ୍ରେଣୀର ପିଲାମାନେ ମାରିବା ସହ ପ୍ରଧାନ ଶିକ୍ଷୟିତ୍ରୀ ମଧ୍ୟ ମାରୁଛନ୍ତି ବୋଲି ଅଭିଯୋଗ ଆଣିଲେ କୁନି ଛାତ୍ରମାନେ । ଏଭଳି ଦୁଃଖଦ ଘଟଣା ଦେଖିବାକୁ

ଭୁବନେଶ୍ୱର: ରମାଦେବୀ ମହିଳା ମହାବିଦ୍ୟାଳୟରେ +୨ ପରୀକ୍ଷା ଦେବାକୁ ଆସିଥିବା ଛାତ୍ରୀମାନେ (ଫଟୋ- ଦିନଲିପି)

ଆଜିଠୁ ଆରମ୍ଭ ହେଉଛି ମିନି ୱାର୍ଲ୍ଡ କପ୍

ନୂଆଦିଲ୍ଲୀ, ୧୮/୨ : ଚାମ୍ପିୟନ୍ସ ଟ୍ରଫି ଟୁର୍ଣ୍ଣାମେଣ୍ଟର ଗୁରୁତ୍ୱ ବିଶ୍ୱକପରୁ କମ୍ ନୁହେଁ । ଏହି ଟୁର୍ଣ୍ଣାମେଣ୍ଟକୁ ମିନି ୱାର୍ଲ୍ଡକପ୍ ନାମରେ ଜଣାଯାଏ । ଏହା କ୍ରିକେଟ ଜଗତର ସବୁଠାରୁ ପ୍ରତିଷ୍ଠିତ ଟୁର୍ଣ୍ଣାମେଣ୍ଟରୁ ଗୋଟିଏ ଅଟେ । ୨୦୨୫ଚାମ୍ପିୟନ୍ସ ଟ୍ରଫିର ଆରମ୍ଭ ୧୯ଫେବୃଆରୀରୁ ହେବ । ସେହିଭଳି ଏହାର ଫାଇନାଲ ମୁକାବିଲା ୯ମାର୍ଚ୍ଚରେ ଖେଳାଯିବ । ୨୦୨୫ଚାମ୍ପିୟନ୍ସ ଟ୍ରଫିରେ ପ୍ରାୟ ୮ଟି ଟିମ୍ ଭାଗ ନେଉଛନ୍ତି । ଏଥିରେ ପାକିସ୍ତାନ, ଭାରତ, ବାଂଲାଦେଶ, ନ୍ୟୁଜିଲାଣ୍ଡ, ଆଫଗାନିସ୍ତାନ, ଇଂଲଣ୍ଡ, ଅଷ୍ଟ୍ରେଲିଆ ଏବଂ ଦକ୍ଷିଣ ଆଫ୍ରିକାର ଟିମ୍ ଅଛନ୍ତି । ଶ୍ରୀଲଙ୍କା ଏବଂ ୱେଷ୍ଟଇଣ୍ଡିଜ ଏହି ଟୁର୍ଣ୍ଣାମେଣ୍ଟର ଭାଗିଦାରୀ ନାହାନ୍ତି । ୨୦୨୫ଚାମ୍ପିୟନ୍ସ ଟ୍ରଫିରେ ସମସ୍ତ ୮ଟିମ୍କୁ ଦୁଇ ଗ୍ରୁପରେ ବଣ୍ଟା ଯାଇଛି । ପାକିସ୍ତାନ, ଭାରତ, ବାଂଲାଦେଶ ଏବଂ ନ୍ୟୁଜିଲାଣ୍ଡ ଗୋଟିଏ ଗ୍ରୁପରେ ଅଛନ୍ତି । ସେହିଭଳି ଆଫଗାନିସ୍ତାନ, ଇଂଲଣ୍ଡ, ଅଷ୍ଟ୍ରେଲିଆ ଏବଂ ଦକ୍ଷିଣ ଆଫ୍ରିକା ଅନ୍ୟ ଗ୍ରୁପରେ ଅଛନ୍ତି । ୨୦୨୫ଚାମ୍ପିୟନ୍ସ ଟ୍ରଫିର ମ୍ୟାଚ୍ ଭାରତ ସମୟ ଅନୁସାରେ ଅପରାହ୍ନ ୨ଟା ୩୦ମିନିଟରେ ଆରମ୍ଭ ହେବ । ସେହିଭଳି ମ୍ୟାଚର ଟସ୍ ଅପରାହ୍ନ ଦୁଇଟା ସମୟରେ ହେବ । ଚାମ୍ପିୟନ୍ସ ଟ୍ରଫିର ସମସ୍ତ ମ୍ୟାଚକୁ ଆପଣ ଟିଭିରେ ଷ୍ଟାର ସ୍ପୋର୍ଟ୍ସ ନେଟୱାର୍କ ଚ୍ୟାନେଲରେ ଲାଇଭ୍ ଦେଖିପାରିବେ । ଏହା ବ୍ୟତୀତ ଏହି ମ୍ୟାଚର ଲାଇଭ୍ ଷ୍ଟ୍ରିମିଂ ଜିଓ ହଟଷ୍ଟାରରେ ହେବ । ୨୦୨୫ଚାମ୍ପିୟନ୍ସ ଟ୍ରଫିର ଆୟୋଜନ ପାକିସ୍ତାନ ପାଖରେ ଅଛି । କିନ୍ତୁ ଭାରତ ସୁରକ୍ଷା କାରଣରୁ ନିଜ ଟିମ୍ ସେଠାକୁ ପଠାଇବାକୁ ମନା କରି ଦେଇଥିଲା ।

ଗାଡ଼ି ଚାଳକଙ୍କ ଭୁଜାଲି ମାଡ଼ରେ ଯୁବକ ଗୁରୁତର

ହିଞ୍ଜିଳିକାଟୁ, ୧୮।୨(ନିପ୍ର): ବିବାହ ଶୋଭାଯାତ୍ରା ଚାଲିଥିବା ବେଳେ ସାମାନ୍ୟ କଥାକୁ କେନ୍ଦ୍ର କରି ଶୋଭାଯାତ୍ରା ଗାଡି ଚାଳକ ଓ ମାଲିକ ମିଶି ବରଘରର ଜଣେ ସମ୍ପର୍କୀୟ ଯୁବକଙ୍କୁ ଭୁଜାଲିରେ ଆକ୍ରମଣ କରିଛନ୍ତି। ଆକ୍ରମଣରେ ଯୁବକ ଜଣଙ୍କ ଗୁରୁତର ଆହତ ହୋଇ ଆନ୍ଧ୍ରପ୍ରଦେଶ ବିଶାଖାପାଟଣା ମେଡିକାଲରେ ଚିକିତ୍ସିତ ହେଉଥିବା ଜଣାପଡିଛି। ଗୁରୁତର ଯୁବକ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିବା ପରିବାର ସୂତ୍ରରୁ ଜଣାପଡିଛି। ଗୁରୁତର ଆହତ ଯୁବକ ଜଣଙ୍କ ହେଲେ ହିଞ୍ଜିଳି ଥାନା କଣ୍ଟେଇକୋଳି ଗ୍ରାମର କାହ୍ନା ସାହୁ (୨୬) । ଏଭଳି ଏକ ଘଟଣା ଗଞ୍ଜାମ ଜିଲ୍ଲା ହିଞ୍ଜିଳି ଥାନା ଶ୍ରଦ୍ଧାପୁର ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଘଟିଛି। ମିଳିଥିବା ସୂଚନା ପ୍ରକାରେ, ସୋମବାର ରାତିରେ ହିଞ୍ଜିଳିକାଟୁ ଅଞ୍ଚଳର ଜଣେ ଯୁବକ ବାହାଘର ସକାଶେ ହିଞ୍ଜିଳି ଥାନା ଶ୍ରଦ୍ଧାପୁର ଗ୍ରାମକୁ ଶୋଭାଯାତ୍ରାରେ ଯାଉଥିଲେ। ରାତ୍ର ପ୍ରାୟ ୧୧ ଘଣ୍ଟା ସମୟରେ ସାମାନ୍ୟ କଥାକୁ କେନ୍ଦ୍ର କରି ବରଘରର କିଛି ସମ୍ପର୍କୀୟଙ୍କ ସହ ବାହାଘର ପାଇଁ ଶୋଭାଯାତ୍ରାରେ ଯାଇଥିବା ଘୋଡାଗାଡି ଚାଳକଙ୍କ ସହ ଯୁକ୍ତିତର୍କ ହୋଇଥିଲା। ଶେଷରେ ଶୋଭାଯାତ୍ରା ଗାଡି ଚାଳକ, ମାଲିକ ଓ ଜଣେ ସହଯୋଗୀ ମିଶି ଗାଡିରେ ରଖିଥିବା ଏକ ଭୁଜାଲିରେ ହଠାତ୍ କାହ୍ନାଙ୍କୁ ଆକ୍ରମଣ କରିଥିଲେ।

ମିଲର ନେଉନି ଧାନ: ବର୍ଷା କଥା ଭାବି ଚିନ୍ତାରେ ଚାଷୀ

କେନ୍ଦ୍ରାପଡ଼ା, ୧୮/୨(ନିପ୍ର): ଆସୁଛି ବର୍ଷା, କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ସମେତ ଜିଲ୍ଲା ଯୋଗାଣ ଅଧିକାରୀ ଏଥି ନିମନ୍ତେ ବାରମ୍ୟାର ଜିଲ୍ଲାର ସମସ୍ତ ମିଲର ଏବଂ ସମସ୍ତ ସମବାୟ ସମିତି ସମ୍ପାଦକଙ୍କୁ କରାଉଛନ୍ତି ସତର୍କ। ଡାକୁଛନ୍ତି ଘନଘନ ବୈଠକ। ଯଥାଶୀଘ୍ର ମଣ୍ଡିରୁ ଧାନ ସଫା କରିବାକୁ ଦେଉଛନ୍ତି ନିର୍ଦ୍ଦେଶ । କ୍ଷେତରେ ସୁନାର ଫସଲ ଫଳାଇ ଅମଳ କରି ଭଲ ଦୁଇପଇସା ପାଇବା ପାଇଁ ଚାଷୀକୂଳ ସ୍ୱପ୍ନ ଦେଖିଲା ବେଳେ ସାମୁଦ୍ରିକ ଝଡ଼ ଦାନା ଧୋଇନେଇଯାଇଥିଲା ଖରିଫ ଫସଲ ଆଉ ଦେଇଯାଇଥିଲା ଅସୁମାରୀ ବେଦନା । ଦାନା କବଳରୁ ଉଦ୍ଧାର ପାଇଥିବା ଧାନ ଫସଲକୁ ପାଣି କାଦୁଅରେ ପଶି ଅମଳ କରିଥିବା ଚାଷୀଟିଏ ଆଜି ମଣ୍ଡିରେ ଅଖିଆ ଅପିଆ ବସି ରହିଛି ମୁଣ୍ଡରେ ହାତ ଦେଇ । ଘାରିଲାଣି ଚିନ୍ତା ଟିଭି ଆଉ ଖବର କାଗଜର ଖବର ୨୦ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନାକୁ ନେଇ, ଏଥି ନିମନ୍ତେ ମଧ୍ୟ ଜିଲ୍ଲା ପ୍ରଶାସନର ସତର୍କତା ପ୍ରଶଂସନୀୟ । ମଣ୍ଡିରେ ଗଦା ହୋଇ ରହିଛି ଚାଷୀଙ୍କ ଧାନ, ଆସୁନି ମିଲର, ବାରମ୍ୟାର ନୋଡାଲ ଅଫିସରଙ୍କ ସମେତ ସମ୍ପାଦକମାନେ ମିଲରଙ୍କୁ ଅନୁରୋଧ କରୁଛନ୍ତି ମଣ୍ଡିରୁ ଧାନ ଉଠାଇବା ପାଇଁ ମାତ୍ର ଆଜି ନୁହେଁ କାଲି ଦେଖିବା ନ୍ୟାୟରେ ଗଦା ହୋଇରହିଛି ଧାନ।

ଏନ୍‌ଏସି ପକ୍ଷରୁ ଭେଣ୍ଡିଂଜୋନ୍ ଉପରେ ଚଢ଼ାଉ: ୫୨ ଦୋକାନ ସିଲ୍

ନିମାପଡ଼ା,୧୮।୨(ନିପ୍ର): ନିମାପଡ଼ା ଏନ୍‌ଏସି ପକ୍ଷରୁ ଭଡ଼ାରେ ଦିଆଯାଇଥିବା ଭେଣ୍ଡିଂ ଜୋନ୍ ଦୋକାନ ଗୃହ ଏବଂ ମାର୍କେଟ୍ କମ୍ପ୍ଲେକ୍ସ ଗୃହ ଭଡ଼ାଟିଆମାନେ ଠିକଣା ସମୟରେ ଭଡ଼ା ନ ଦେବାରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଦାସ, ଅତିରିକ୍ତ ତହସିଲଦାର ନିରଞ୍ଜନ ନାୟକ, ପୋଲିସ ବଳ ସହ ୫୨ଟି ଦୋକାନ ଗୃହ ସୋମବାର ସିଲ୍ କରାଯାଇଥିଲା। କେତେକ ଭଡ଼ାଟିଆ ମାସିକ ଭଡ଼ା ଦେଇ ଆସୁଥିଲେ ହେଁ ଗୃହଭଡ଼ା ଚୁକ୍ତିପତ୍ର ନବୀକରଣ କରି ନ ଥିବାରୁ ଏନ୍‌ଏସି ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିଲା ବୋଲି ଉପ-ନଗରପାଳ ସନ୍ତୋଷ ଦାଶ ପ୍ରକାଶ କରିଥିଲେ । ୨୭ ଜଣ ଭେଣ୍ଡିଂ ଜୋନ୍ ଭଡ଼ାଟିଆଙ୍କ ଉପରେ ୧ ବର୍ଷର ୧ଲକ୍ଷ ୨୦ ହଜାର ଟଙ୍କା ବାକି ଥିବା ବେଳେ ମାର୍କେଟ୍ କମ୍ପ୍ଲେକ୍ସ ୪୦ ଜଣଙ୍କ ଉପରେ ୨ଲକ୍ଷ ୧୮ ହଜାର ଟଙ୍କା ବାକି ଥିଲା ବୋଲି ଏନ୍‌ଏସି ପରିଷଦ ଅଧିକାରୀ ବିଜୟ ଗ୍ରହାଚାର୍ଯ୍ୟ ସୂଚନା ଦେଇଥିଲେ । ଭେଣ୍ଡିଂ ଜୋନ୍ ଘର ମାସକୁ ୬ଶହ ଟଙ୍କା ଏବଂ ମାର୍କେଟ୍ କମ୍ପ୍ଲେକ୍ସ ଘର ମାସକୁ ୯ଶହ ଟଙ୍କା ଭଡ଼ା ଧାର୍ଯ୍ୟ ହୋଇଥିଲେ ହେଁ ଭଡ଼ାଟିଆମାନେ ଘରଭଡ଼ା ନ ଦେଇ ନିଜର ବ୍ୟବସାୟ ଜାରି ରଖିଥିଲେ ହେଁ ପରିଷଦ ପକ୍ଷରୁ କଡ଼ା ନିଷ୍ପତ୍ତି ନିଆଯାଇଥିଲା ବୋଲି ସୂଚନା ମିଳିଛି। ମଙ୍ଗଳବାର ଭେଣ୍ଡିଂ ଜୋନ୍ ଭଡ଼ାଟିଆମାନେ ୧ଲକ୍ଷ ଟଙ୍କା ଏନ୍‌ଏସି କାର୍ଯ୍ୟାଳୟରେ ପଇଠ କରିଥିବା ବେଳେ ମାର୍କେଟ କମ୍ପ୍ଲେକ୍ସ ଭଡ଼ାଟିଆମାନେ ୧ଲକ୍ଷ ୩୫ ହଜାର ଟଙ୍କା ଭଡ଼ା ବାବଦକୁ ପଇଠ କରିଥିବା ଏନ୍‌ଏସି କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ ।

ବଟକୃଷ୍ଣ ତ୍ରିପାଠୀଙ୍କ ଲିଖିତ 'ମୋ ଜୀବନ ଜ୍ୟାମିତି' ଉନ୍ମୋଚିତ

ଭୁବନେଶ୍ୱର,୧୮/୨(ନିପ୍ର) : ଅବସରପ୍ରାପ୍ତ ପୋଲିସ ଅଧିକାରୀ ତଥା ଦିନଲିପି ଖବର କାଗଜର ମୁଖ୍ୟ ସମ୍ପାଦକ ବଟକୃଷ୍ଣ ତ୍ରିପାଠୀଙ୍କ ଦ୍ୱାରା ରଚିତ ଆତ୍ମଜୀବନୀ "ମୋ ଜୀବନ ଜ୍ୟାମିତି" ଭୁବନେଶ୍ୱର ବୁଦ୍ଧ ମନ୍ଦିର ଠାରେ ମଙ୍ଗଳବାର ଉନ୍ମୋଚିତ ହୋଇଯାଇଛି। ଧାରା ଶ୍ରୀରାଧା ଟ୍ରଷ୍ଟର ସହଦେବ ଜୟସଂହ କାର୍ଯ୍ୟକାରୀ ସଭାପତି ଓ ଅମରେନ୍ଦ୍ର ମହାପାତ୍ର ଅଧ୍ୟକ୍ଷଙ୍କ ଦ୍ୱାରା ଉକ୍ତ ପୁସ୍ତକ ଉନ୍ମୋଚନ ଉତ୍ସବ ଆୟୋଜନ ହୋଇଥିଲା । ଉକ୍ତ ପୁସ୍ତକ ଉନ୍ମୋଚନ ଉତ୍ସବରେ ଅତିଥି ଭାବେ ସୌମ୍ୟରଞ୍ଜନ ପଟ୍ଟନାୟକ, ବୈଷ୍ଣବ ଚରଣ ସାମଲ, ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ଗୋପାଳକୃଷ୍ଣ ଆଚାର୍ଯ୍ୟ ଓ ଜୟନ୍ତୀ ରଥ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ । ଏକ ସାଧାରଣ ପରିବାରରୁ ଆସି ବହୁ ଘାତ ପ୍ରତିଘାତକୁ ସ୍ୱିକାର କରି ଶ୍ରୀ ତ୍ରିପାଠୀ ପୋଲିସ ଚାକିରୀ କରି ନିଜର ସର୍ବଶ୍ରେଷ୍ଠ ସେବା ପ୍ରଦାନ କରିଥିଲେ। ଛାତ୍ର ଅବସ୍ଥାରୁ ମଧ୍ୟ ରାଜନୀତିରେ ରୁଚି ରଖି ପରବର୍ତ୍ତୀ ସମୟରେ ଛାତ୍ର ସଙ୍ଘର ସଭାପତି ଓ ସମ୍ପାଦକ ହୋଇଥିଲେ। ଗଦ୍ୟ ସାହିତ୍ୟରେ ରୁଚି ରଖି ବିଭିନ୍ନ ଲେଖା ମାଧ୍ୟମରେ ମଧ୍ୟ ସମାଜକୁ ଦିଗଦର୍ଶନ ଦେଇଆସୁଛନ୍ତି । ପୁସ୍ତକଟି ସମାଜର ସବୁବର୍ଗ ପାଇଁ ଶିକ୍ଷା ଦେଇଛି । ଶ୍ରୀ ତ୍ରିପାଠୀ ରାଜନୀତି, କଳା ସଂସ୍କୃତି, ଅଭିନୟ, ସ୍ତମ୍ଭକାର, ପୋଲିସ ସେବା ପରି ବିଭିନ୍ନ ବର୍ଗରେ ସୁଖ୍ୟାତି ଅର୍ଜନ କରିଛନ୍ତି । ତେଣୁ ତାଙ୍କ ଜୀବନୀ ସମସ୍ତଙ୍କ ପାଇଁ ନିଶ୍ଚୟ ଶିକ୍ଷା ଯୋଗାଇବ ବୋଲି ସୌମ୍ୟରଞ୍ଜନ ପଟ୍ଟନାୟକ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ । ଉକ୍ତ ଆତ୍ମଜୀବନୀ ସମାଜ ପାଇଁ ଫଳପ୍ରଦ ହେବ ବୋଲି ପ୍ରଫେସର ବୈଷ୍ଣବ ଚରଣ ସାମଲ ନିଜର ଅଭିଭାଷଣରେ ଉପସ୍ଥାପନ କରିଥିଲେ । ଏଥିରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ।

ସୁରକ୍ଷିତ ଏବଂ ସ୍ଥାୟୀ ପାନୀୟ ଜଳ ସୁନିଶ୍ଚିତ କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ

ନୂଆଦିଲ୍ଲୀ, ୧୮/୨(ପିଆଇବି): ପାରମ୍ପରିକ ଜଳ କଳଶ ସମାରୋହ ସହିତ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନ ଲାଲ ଶର୍ମାଙ୍କ ଉପସ୍ଥିତିରେ କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ଶ୍ରୀ ସିଆର ପାଟିଲ ଜଳ ସୁରକ୍ଷା ଉପରେ ଦ୍ୱିତୀୟ ରାଜ୍ୟ ଜଳମନ୍ତ୍ରୀ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ଜଳ ନିରାପତ୍ତା ଉପରେ ଦ୍ୱିତୀୟ ରାଜ୍ୟ ଜଳମନ୍ତ୍ରୀ ସମ୍ମିଳନୀରେ ଉଦବୋଧନ ଦେଇ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ଶ୍ରୀ ସିଆର ପାଟିଲ ଜଳ ଜୀବନ ମିଶନ (ଜେଜେଏମ୍)ର ଉଲ୍ଲେଖନୀୟ ଅଗ୍ରଗତି ଉପରେ ଆଲୋକପାତ କରିଥିଲେ ଏବଂ ଭାରତର ପ୍ରତ୍ୟେକ ଗ୍ରାମୀଣ ପରିବାର ପାଇଁ ନିରାପଦ ଏବଂ ସ୍ଥାୟୀ ପାନୀୟ ଜଳ ସୁନିଶ୍ଚିତ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇଥିଲେ। ଶ୍ରୀ ପାଟିଲ ଗୁରୁତ୍ୱାରୋପ କରି କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏହି ଅଭିଯାନ ଅଭୂତପୂର୍ବ ଅଗ୍ରଗତି କରିଛି ଏବଂ ୮୦% ରୁ ଅଧିକ ଗ୍ରାମୀଣ ପରିବାର ବର୍ତ୍ତମାନ ଟ୍ୟାପ୍ ଜଳ ସଂଯୋଗ ଉପଲବ୍ଧ କରାଇଛନ୍ତି । ଫଳରେ ୧୫ କୋଟିରୁ ଅଧିକ ପରିବାର ଘର ଦ୍ୱାରରେ ବିଶୁଦ୍ଧ ଓ ନିରାପଦ ପାନୀୟ ଜଳ ପାଇ ଉପକୃତ ହେଉଛନ୍ତି।

ବିଶ୍ୱପ୍ରସିଦ୍ଧ ରଥଯାତ୍ରାକୁ ଶୃଙ୍ଖଳିତ ପରିଚାଳନା ପାଇଁ ପ୍ରସ୍ତୁତି

ପୁରୀ,୧୮/୨(ନିପ୍ର): ଆସନ୍ତା ଜୁନ୍ ୨୭ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ତେବେ ବିଶ୍ୱପ୍ରସିଦ୍ଧ ରଥଯାତ୍ରାକୁ କିଭଳି ଶୃଙ୍ଖଳିତ ଭାବେ ପରିଚାଳନା କରିହେବ ସେ ନେଇ ପୋଲିସ ଡିଜିଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ରଥଯାତ୍ରାରେ ଭକ୍ତଙ୍କ ଭିଡ଼କୁ ନିୟନ୍ତ୍ରଣ, ଟ୍ରାଫିକ ସୁପରିଚାଳନା, ଜନଗହଳି ନିୟନ୍ତ୍ରଣ, ପାର୍କିଂର ସୁବନ୍ଦୋବସ୍ତ ସହିତ ସୁରକ୍ଷା ବ୍ୟବସ୍ଥାକୁ କିଭଳି କଡ଼ାକଡ଼ି କରାଯାଇପାରିବ ସେନେଇ ଏହି ସ୍ୱତନ୍ତ୍ର ବୈଠକରେ ପୋଲିସ ଡିଜି ସମୀକ୍ଷା କରିଥିଲେ। ତେବେ ଚଳିତବର୍ଷ ରଥଯାତ୍ରାର ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ ସୁପରିଚାଳନା ଏବଂ ସୁରକ୍ଷା ବ୍ୟବସ୍ଥା ଏଆଇ କ୍ୟାମେରା ମାଧ୍ୟମରେ ନଜର ରଖାଯିବ। ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ଉତ୍ତରା ଛକ ଠାରୁ ପୁରୀ ପର୍ଯ୍ୟନ୍ତ ଏଆଇ କ୍ୟାମେରା ଲଗାଯିବ। ଏଥିସହିତ ବଡ଼ଦାଣ୍ଡ, ଶ୍ରୀମନ୍ଦିର, ବେଳାଭୂମି, ପୁରୀର ମୁଖ୍ୟ ପ୍ରବେଶ ପଥ ଗୁଡ଼ିକରେ ମଧ୍ୟ ଲଗାଯିବ ଏଆଇ କ୍ୟାମେରା। ଏହାକୁ ନେଇ ପୋଲିସ ବିଭାଗ ପକ୍ଷରୁ ସର୍ଭେ ଚାଲିଥିବା ବେଳେ ଖୁବ୍ ଶୀଘ୍ର କେଉଁ ନିର୍ଦ୍ଦିଷ୍ଟ ସ୍ଥାନରେ ଏଆଇ କ୍ୟାମେରା ଲଗାଯିବ ତା'ର ନିଷ୍ପତ୍ତି ନିଆଯିବ। ଏଆଇ କ୍ୟାମେରା ଦ୍ୱାରା ଚଳିତ ବର୍ଷ ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ପରିଚାଳନା କରିହେବ ବୋଲି ପୋଲିସ ବିଭାଗ ଆଶା ରଖିଥିବା ପୁରୀ ଏସପି କହିଛନ୍ତି।

କନିଷ୍ଠ ଶିକ୍ଷକ ସଂଘର ଧାରଣା ଓ ଚେତାବନୀ

ନିମାପଡ଼ା,୧୮।୨(ନିପ୍ର): ଓଡ଼ିଶା କନିଷ୍ଠ ଶିକ୍ଷକ ସଂଘ, ନିମାପଡ଼ା ଶାଖା ପକ୍ଷରୁ ଏକ ପ୍ରତିନିଧି ମଣ୍ଡଳୀ ବ୍ଲକ୍ ଶିକ୍ଷାଧିକାରୀଙ୍କୁ ସାକ୍ଷାତ କରି ଗତ ୩ ମାସର ଦରମା ନୂତନ ଶିକ୍ଷକଙ୍କୁ ମିଳି ନଥିବାରୁ ପ୍ରତିବାଦ ଜଣାଇଥିଲେ । ତତ୍‌ସହିତ ଆସନ୍ତା ୨୫ ତାରିଖ ସୁଦ୍ଧା ଦରମା ପ୍ରଦାନ ନକଲେ ୨୬ ତାରିଖରୁ ବ୍ଲକ୍ ଶିକ୍ଷା କାର୍ଯ୍ୟାଳୟ ସାମ୍ନାରେ ଧାରଣା ଦିଆଯିବ ବୋଲି ବ୍ଲକ୍ ଅଧିକାରୀଙ୍କୁ ଚେତାବନୀ ଦେଇଥିଲେ । ୫୦ରୁ ଊର୍ଦ୍ଧ୍ୱ କନିଷ୍ଠ ଶିକ୍ଷକ ମଙ୍ଗଳବାର ଶିକ୍ଷା କାର୍ଯ୍ୟାଳୟରେ ପହଞ୍ଚି ବିଚାରବିମର୍ଷ କରିବାରୁ ବିଭାଗୀୟ କର୍ତ୍ତୃପକ୍ଷ ୧ ମାସର ଦରମା ଶିକ୍ଷକଙ୍କ ବ୍ୟାଙ୍କ ଖାତାକୁ ଛାଡ଼ିଥିଲେ ବୋଲି ସଂଘ ସଭାପତି ଜ୍ୟୋତି ରଂଜନ ନାୟକ ଗଣମାଧ୍ୟମକୁ ସୂଚନା ଦେଇଥିଲେ ।

ଶରଧାପୁର ୧-୦ ଗୋଲ୍‌ରେ ବିଜୟୀ

ଭାପୁର,୧୮/୨(ନିପ୍ର): ନୟାଗଡ ଜିଲ୍ଲା ଭାପୁର ବ୍ଲକ ଅନ୍ତର୍ଗତ ବାଇଗୁଣିଆଁ ଗ୍ରାମସ୍ଥିତ ଖେଳ ପଡିଆ ପରିସରରେ ଯୁଥ୍ ସ୍ପୋର୍ଟସ କ୍ଲବ ପକ୍ଷରୁ ଚାଲିଥିବା ରାଜ୍ୟ ସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ଦ୍ୱିତୀୟ ଲିଗ୍ ମ୍ୟାଚ ଶରଧାପୁର ଖୋର୍ଦ୍ଧା ଓ ସ୍ପୋର୍ଟସ ଏକାଦଶ ବୋଲଗଡ ଫୁଟବଲ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳର ପ୍ରଥମାର୍ଦ୍ଧରେ ଶରଧାପୁର ଓ ବିପକ୍ଷ ଦଳ ବୋଲଗଡ ଫୁଟବଲ ଟିମ୍ ମଧ୍ୟରେ ସଂଘର୍ଷପୂର୍ଣ୍ଣ ଖେଳ ହୋଇଥିଲେ ମଧ୍ୟ କେହି ଗୋଲ ଦେବାରେ ସକ୍ଷମ ହୋଇ ନ ଥିଲେ। ମାତ୍ର, ଖେଳର ଦ୍ୱିତୀୟାର୍ଦ୍ଧରେ ଶରଧାପୁର ଦଳ ବିପକ୍ଷ ଦଳକୁ ୧ଟି ଗୋଲ ଦେବାରେ ସକ୍ଷମ ହୋଇଥିଲା । ଫଳରେ, ଶରଧାପୁର ଦଳ ୧-୦ ଗୋଲରେ ବିଜୟୀ ହୋଇ ଦ୍ୱିତୀୟ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି।

ନାଲକୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାନବ ସମ୍ବଳ ବିକାଶ ଏବଂ ପ୍ରଶାସନ) ଆଶୁତୋଷ ରଥ ମୁମ୍ବାଇରେ ଅନୁଷ୍ଠିତ'ବିଶ୍ୱ ମାନବ ସମ୍ବଳ ବିକାଶ କଂଗ୍ରେସରେ' 'ଶ୍ରେଷ୍ଠ ମାନବ ସମ୍ବଳ ପ୍ରଭାବକ'ପୁରସ୍କାର ଗ୍ରହଣ କରିଛନ୍ତି

ମହିଳାଙ୍କ ବେକରୁ ଝାମ୍ପିନେଲେ ସୁନାହାର ଓ ଚେନ୍

ହିଞ୍ଜିଳିକାଟୁ, ୧୮।୨(ନିପ୍ର): ଗତ କିଛି ମାସର ବ୍ୟବଧାନ ପରେ ହିଞ୍ଜିଳି ଥାନା ଇଲାକାରେ ପୁଣିଥରେ ଲୁଟେରା ଗ୍ୟାଙ୍ଗଙ୍କ ପ୍ରାର୍ଦୁଭାବ ଦେଖିବାକୁ ମିଳିଛି। ଜନୈକ ଦମ୍ପତି ଜଣେ ସମ୍ପର୍କୀୟଙ୍କ ନିର୍ବନ୍ଧ କାର୍ଯ୍ୟରେ ଯୋଗଦେବାକୁ ମୋଟର ସାଇକେଲରେ ଯାଉଥିବା ବେଳେ ୨ ଲୁଟେରା ଦମ୍ପତିଙ୍କ ପିଛା କରି ମହିଳାଙ୍କ ବେକରୁ ସୁନାଚେନ୍ ଓ ହାର ଲୁଟି ନେଇଥିବା ନେଇ ହିଞ୍ଜିଳି ଥାନାରେ ଅଭିଯୋଗ ହୋଇଛି। ପ୍ରକାଶଯେ, ଗୋଳନ୍ଥରା ଥାନା କନିଷିହାଟ ଗ୍ରାମର ରବି ଚୌଧୁରୀ ଓ ତାଙ୍କ ସ୍ତ୍ରୀ ରଞ୍ଜିତା ଚୌଧୁରୀ ୧୪ ତାରିଖ ଅପରାହ୍ନରେ ମୋଟର ସାଇକେଲ ଯୋଗେ ହିଞ୍ଜିଳିକାଟୁ ଅଞ୍ଚଳର ଜଣେ ସମ୍ପର୍କୀୟଙ୍କ ନିର୍ବନ୍ଧ କାର୍ଯ୍ୟରେ ଯୋଗଦେବାକୁ ଯାଉଥିଲେ। ହିଞ୍ଜିଳି ଥାନା ପୋଚିଲିମା- ସୋମପୁର ମଧ୍ୟବର୍ତ୍ତୀ ସନ୍ତୋଷୀ ମା'ମନ୍ଦିର ନିକଟରେ ହେଲମେଟ ଓ ମାସ୍କ ପରିଧାନ କରିଥିବା ୨ ଜଣ ଦୁର୍ବୃତ୍ତ ମୋଟର ସାଇକେଲ ଯୋଗେ ଆସି ଦମ୍ପତିଙ୍କୁ ଆସିକା ଯିବା ପାଇଁ ରାସ୍ତା ପଚାରିଥିଲେ। ପରେ ମହିଳାଙ୍କ ବେକରୁ ପ୍ରାୟ ଅଢେଇ ଭରି ଓଜନର ଏକ ସୁନା ଚେନ ଓ ଗୋଟିଏ ହାର ଝାମ୍ପିନେଇ କ୍ଷୀପ୍ର ଗତିରେ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ। ଘଟଣା